**ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ରକ୍ତଶିକୁଳି ରକ୍ତହୀନତା ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସଞ୍ଜୀବ କୁମାର ବିଶ୍ୱାଳ ଯୋଗଦେଇ ରକ୍ତହୀନତାର କାରଣ, ନିରାକରଣ ଓ ସଚେତନତା ଉପରେ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରରମ୍ଭରେ ପ୍ରାଧାପକ ସନ୍ତୋଷ କୁମାର ମେହେର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରିପନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଲୋଇସିଂହା,୨୩।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା ଗ୍ରାମ କୁମ୍ଭାରପଡାର ଜଣେ ମହିଳାଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଲଳିତା ରାଣା(୫୦)। ସ୍ୱଚ୍ଛଭାରତ ପାଇଖାନାରୁ ଲଳିତାଙ୍କ ଝୁଲନ୍ତା ମୃତଦେହକୁ ଲୋଇସିଂହା ପୋଲିସ ରବିବାର ସନ୍ଧ୍ୟାରେ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛି। ମୃତା ମହିଳାଙ୍କ ଝିଅ ରଶ୍ମିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନାମତେ, ସାଲେଭଟା ଗ୍ରାମ କୁମ୍ଭାରପଡାରେ ରହନ୍ତି ଲେକୁ ରଣାଙ୍କ ପରିବାର। ଲେକୁଙ୍କ ସ୍ତ୍ରୀ ଲଳିତା ଏବଂ ୩ ଝିଅ ଅଛନ୍ତି। ସେଥିମଧ୍ୟରୁ ରଶ୍ମିତା ବିବାହିତା। ରଶ୍ମିତା ମା'ଙ୍କ ମୃତ୍ୟୁ ସମ୍ପର୍କରେ ଜାଣିବାକୁ ପାଇ ସାଲେଭଟା ଆସିଥିଲେ । ସ୍ୱଚ୍ଛାଭାରତ ପାଇଖାନା ଭିତରେ ଶାଢିରେ ବେକରେ ଫାଶ ପକାଇ ମାରି ପଡିଥିବା ଦେଖିବାକୁ ପାଇଥିଲେ। ଗୋଡ ତଳେ ଝୁଲି ରହିଥିଲା। ଏହାକୁ ନେଇ ରଶ୍ମିତା ସନ୍ଦେହ କରି ସାଲେଭଟା ଫାଣ୍ଡିକୁ ଯାଇ ତାଙ୍କ ମା'ଙ୍କ ସନ୍ଦେହଜନକ ମୃତ୍ୟୁ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ଯାଜ୍ଞସିନୀ ନାୟକ, ସାଲେଭଟା ଫାଣ୍ଡିଅଧିକାରୀ ଚିତ୍ରସେନ ସାହୁ ଓ କର୍ମଚାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ।

### ଦୁଇ ବାଇକ ମୁହାଁମୁହିଁ, ମା',ପୁଅ ଗୁରୁତର

କଣ୍ଟାବାଞ୍ଜି, ୨୩।୬(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ବେଲପଡା ଥାନା ଭାଲୁଖାଇ ଗାଁ ସ୍କୁଲ ନିକଟରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟା ରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ ବାଇକରେ ଥିବା ବଲାଙ୍ଗୀର ଥାନା ବାଲିଖମାର ଗାଁର ହେମଲତା ଧରୁଆ (୫୫) ଓ ତାଙ୍କ ପୁଅ ରାକେଶ ଧରୁଆ (୨୫) ଗୁରୁତର ହୋଇଛନ୍ତି। ସେମାନଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ନୁନହାଡ ମହୁଲବହାଲି ପିଡବ୍ଲୁଡି ରାସ୍ତାରେ ସେମାନେ କଣ୍ଟାବାଞ୍ଜିରୁ ନିଜ ଗାଁକୁ ଯାଉଥିବାବେଳେ ଭାଲୁଖାଇଠାରେ ବଜରଙ୍ଗ ହଂସଙ୍କ ବାଇକ ସହ ଧକ୍କା ହୋଇଥିଲା। ଗ୍ରାମବାସୀ ଗୁରୁତର ଅବସ୍ଥାରେ ହେମଲତା ଓ ରାକେଶଙ୍କୁ ଉଦ୍ଧାର କରି ବେଲପଡା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ସେମାନଙ୍କୁ ବଲାଙ୍ଗୀର ସ୍ଥାନାନ୍ତର ଯାଇଛି।

### ଗୌନ୍ତିଆ ତ୍ରିନାଥ ନାଗଙ୍କ ପରଲୋକ

ଲାଠୋର,୨୩।୬(ଭୁବନେଶ୍ୱର ବାରିକ)


ତ୍ରିନାଥ ନାଗ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁ ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମର ଗୌନ୍ତିଆ ତ୍ରିନାଥ ନାଗଙ୍କର ଶନିବାର ଚିକିତ୍ସାଧୀନ ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ସ୍ୱର୍ଗତ ନାଗ ଜିଲାସ୍ତରୀୟ ଜଣେ ଭଲ ଫୁଟବଲ ଖେଳାଳି ଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଭାବେ ଖପ୍ରାଖୋଲ ବ୍ଲକ ଟଙ୍କପାଣି ଏବଂ ପାଟଣାଗଡ ବ୍ଲକ ଫଟାମୁଣ୍ଡା ପଞ୍ଚାୟତରେ କାର୍ଯ୍ୟ କରି ଅବସର ନେଇଥିଲେ। ମୃତଦେହ ଗ୍ରାମକୁ ଅଣାଯିବା ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଗୋଲକ ବିହାରୀ ନାଗ ମୁଖାଗ୍ନି ଦେଇଥିଲେ।

# ୧.୬୪ ଲକ୍ଷ ହେକ୍ଟର ଜମିରେ ଧାନଚାଷ

ବଲାଙ୍ଗୀର,୨୩।୬(ବୀରେନ୍ଦ୍ର କୁମାର ଝାଙ୍କର)

ଖରିଫ ୨୦୨୪ ପାଇଁ ବଲାଙ୍ଗୀର ଜିଲା କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷି ଖସଡା ପ୍ରସ୍ତୁତ କରାଯାଇଛି। ବଲାଙ୍ଗୀର ଜିଲାରେ ଚଳିତ ଖରିଫରେ ୧ ଲକ୍ଷ ୬୪ ହଜାର ହେକ୍ଟର ଜମିରେ ଧାନ ଚାଷ ଲକ୍ଷ ରଖାଯାଇଛି। ଏହା ସହିତ ୧୨ ହଜାର ୫୮୦ ହେକ୍ଟର ଜମିରେ ମକା ଜାତୀୟ, ୨୦ ହଜାର ୮୪୫ ହେକ୍ଟର ଜମିରେ ମିଲେଟ୍ ଜାତୀୟ, ୬୨ ହଜାର ୭୦୦ ହେକ୍ଟରରେ ଡାଲି ଜାତୀୟ, ୫ ହଜାର ୮ ଶହ ହେକ୍ଟର ଜମିରେ ତୈଳବୀଜ ଜାତୀୟ ଚାଷ ଏବଂ ୬୭ ହଜାର ହେକ୍ଟର ଜମିରେ କପା ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲା କୃଷି ବିଭାଗ ପକ୍ଷରୁ ଖରିଫ ଚାଷ ଖସଡା ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଜିଲାରେ ବିଳମ୍ବିତ ମୌସୁମୀ ବର୍ଷା ଏବେ ଚିନ୍ତାର କାରଣ ପାଲଟିଛି। ଜୁନ୍ ୧୫ ସୁଦ୍ଧା ଜିଲାରେ ମୌସୁମୀଜନିତ ବର୍ଷା ଆରମ୍ଭ ହେବ ବୋଲି ଚାଷୀ ଆଶା କରୁଥିଲେ ମଧ୍ୟ ଏଯାଏ ମୌସୁମୀ ବର୍ଷା ଆରମ୍ଭ ହୋଇନାହିଁ। ଫଳରେ ଚାଷୀମାନେ ଧାନ, କପା, ମକା ଓ ଜୈଳବୀଜ ଚାଷ ପାଇଁ ଜମି ପ୍ରସ୍ତୁତି କରିପାରିନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ବିଳମ୍ବିତ ବର୍ଷା ଯୋଗୁ ଏଥର ସବୁଠୁ ବେଶୀ କପାଚାଷ ପ୍ରଭାବିତ ହୋଇଛି। ଏପର୍ଯ୍ୟନ୍ତ ଜିଲାରେ ପ୍ରାୟ ୩୦ ହଜାର ହେକ୍ଟର ଜମିରେ କପା ଚାଷ ଆରମ୍ଭ ହୋଇଯିବା କଥା। ମାତ୍ର ବର୍ଷା ବିଳମ୍ବ ଯୋଗୁ ଏଥର କପା ଚାଷ ବହୁ ପଛରେ ପଡିଯାଇଛି। ଏପର୍ଯ୍ୟନ୍ତ ୧୦ ହଜାର ହେକ୍ଟରରୁ କମ୍ ଜମିରେ କପା ଚାଷ ଆରମ୍ଭ ହୋଇଛି। ଚାଷୀ ବିଳମ୍ବିତ ବର୍ଷାକୁ ନେଇ ଚିନ୍ତିତ ଥିବାବେଳେ ଅନେକ ଚାଷୀ ଓ ଅଧିକାରୀ ଜିଲାରେ ଏଥର କପା ଚାଷ କମିପାରେ ବୋଲି ଅନୁମାନ କଲେଣି। ଏହା ସହିତ ଜିଲାରେ ବିଳମ୍ବିତ ବର୍ଷା ଯୋଗୁ ଧାନଚାଷ ମଧ୍ୟ ପଛରେ ପଡିଛି। ଜିଲାର ଅନେକ ସ୍ଥାନରେ ବର୍ଷା ଅଭାବ ଯୋଗୁ ଚାଷୀମାନେ ଏପର୍ଯ୍ୟନ୍ତ ତଳି ପକାଇ ପାରିନାହାନ୍ତି। କିଛି ସ୍ଥାନରେ ଡିପ୍ ବୋରୱେଲ, କୂଅରୁ ଲୋକେ ତଳିପକା କାମ ଆରମ୍ଭ କରିଛନ୍ତି। ତେବେ ବିଳମ୍ବିତ ବର୍ଷା କାରଣରୁ ଧାନ, ମକା, କପା ଓ ତୈଳବୀଜ ଚାଷୀ ଚିନ୍ତାରେ ପଡିଛନ୍ତି। ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଚାଣ୍ଟିମୁଣ୍ଡା ଗାଁର ଚାଷୀ ସରୋଜ ରଥ କହିଛନ୍ତି ଯେ, ବିଳମ୍ବିତ ବର୍ଷା ଯୋଗୁ ଚାଷୀକାମ ଏଥର ବିଶେଷ ଆଗେଇ ପାରିନାହିଁ। ଡିପ୍ ବୋରୱେଲରୁ ସେ ତାଙ୍କ ଜମି ପାଇଁ ଧାନ ତଳି ପକାଇଛନ୍ତି। ତେବେ ଯେଉଁ ଚାଷୀଙ୍କ ପାଖରେ ବୋରୱେଲ ନାହିଁ ସେମାନେ ତଳି ପକାଇ ପାରିନାହାନ୍ତି। ସେମାନେ ବାଧହୋଇ ବର୍ଷାକୁ ଅପେକ୍ଷା କରିଛନ୍ତି ବୋଲି ଚାଷୀ ସରୋଜ କହିଛନ୍ତି। ଜୁନ୍ ମାସ ୨୩ ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ ବଲାଙ୍ଗୀର ଜିଲାରେ ଭଲ ବର୍ଷା ହୋଇନାହିଁ। ଜୁନ୍‌ରେ ଜିଲାରେ ସାଧାରଣ ବୃଷ୍ଟିପାତ ୧୮୩.୨ ମିଲିମିଟର ବର୍ଷା ହେବା କଥା। ତେବେ ମାସର ୨୩ ଦିନ ସମୟ ବିତି ଯାଇଥିଲେ ମଧ୍ୟ ଜିଲାରେ ଏପର୍ଯ୍ୟନ୍ତ ୩୯.୧୮ ହାରରେ ବୃଷ୍ଟିପାତ ରେକର୍ଡ ହୋଇଛି। ନିଅଣ୍ଟିଆ ବର୍ଷା ଯୋଗୁଁ ଜିଲାରେ ଚାଷୀକୁଳ ଚିନ୍ତାରେ ପଡିଛନ୍ତି।


ବଲାଙ୍ଗୀର ସଦର ବ୍ଲକ୍ ଚାଣ୍ଟିମୁଣ୍ଡା ଗାଁରେ ବୋରୱେଲ ପାଣିରେ ଚାଷୀ ତଳି ପକାଉଛନ୍ତି।

**ବଲାଙ୍ଗୀର କୃଷି ବିଭାଗର ଖରିଫ ୨୦୨୪ ଚାଷ ଖସଡ଼ା**

- ୧୨ ହଜାର ୫୮୦ ହେକ୍ଟର ଜମିରେ ମକା,୨୦ ହଜାର ୮୪୫ ହେକ୍ଟରରେ ହେବ ମିଲେଟ୍
- ବିଳମ୍ବିତ ବର୍ଷାକୁ ନେଇ ଚାଷୀ ଚିନ୍ତିତ

# ସରପଞ୍ଚଙ୍କ ସ୍ୱାମୀ, ଯୁବନେତାଙ୍କୁ ଲାଲବାହିନୀ ନାଁରେ ଧମକପୂର୍ଣ୍ଣ ପତ୍ର

ଦେଓଗାଁ,୨୩।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଥାନାରେ ଏତଲା, ତଦନ୍ତ ଆରମ୍ଭ**

ବଲାଙ୍ଗିର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବହଲି ଗ୍ରାମର କେନ୍ଦୁପତ୍ର ଫଡି ନିକଟରୁ ଏକ ଚିଠି ମିଳିବାପରେ ଅଞ୍ଚଳରେ ଚିଠିକୁ ନେଇ ଚର୍ଚ୍ଚା ଯୋର ଧରିଛି। ଏହି ଚିଠିଟି ଲାଲ ଅକ୍ଷରରେ ସିଆଲବହଲି ଗ୍ରାମର ନରେଶ ଷାଣ୍ଢଙ୍କ ନାମ ଠିକଣାରେ ଏକ ଧଳା ଜରିରେ ଭର୍ତ୍ତିକରି ରାସ୍ତା ଉପରେ ପଡିରହିଥିଲା। ଏହାକୁ ଦେଖି ବହଲି ଗ୍ରାମର ଜଣେ ବ୍ୟକ୍ତି କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ପଡିଥିବା ଭାବି ଜରିକୁ ଉଠାଇଥିଲେ । ପରେ ଖୋଲିବାପରେ ଉକ୍ତ ଚିଠିରେ ଲାଲବାହିନୀ ସଙ୍ଗଠନ ବଲାଙ୍ଗିର ନାଁରେ ନରେଶ ଷାଣ୍ଢଙ୍କ ସମେତ ବହଲି ଗ୍ରାମର ସାମ୍ବାଦିକ ରାମ ଶତପଥି, ଯୁବନେତା କୁମୁଦ ପୋଢ, କୀର୍ତ୍ତି ବାଗ ଓ କୁତୁର୍ଲା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଡମ୍ବରୁ ହରପାଲଙ୍କୁ ଏହି ଚିଠିରେ ବହୁ ଶୀଘ୍ର ଉପରକୁ ପ୍ରମୋସନ କରିବୁ ଓ ସେମାନଙ୍କ ସହିତ ଅନେକ ବ୍ୟକ୍ତି ନମ୍ବରରେ ଅଛନ୍ତି ବୋଲି ଦର୍ଶା ଯାଇଛି। ଏହି ଚିଠି ପାଇବା ପରେ ୨୨ ତାରିଖରେ ଦେଓଗାଁ ଥାନାରେ ନରେଶ ଷାଣ୍ଢ ଲାଲବାହିନୀ ନାଁରେ ଦେଇଥିବା ଚିଠିକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ଚିଠି କିଏ ଓ କାହିଁକି ଗାଁ ମୁଣ୍ଡରେ ଥୋଇଥିଲା ତାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାଧିକାରୀ ହରିବନ୍ଧୁ ଗଡତ୍ୟାଙ୍କୁ ପଚାରିବାରୁ ଅଭିଯୋଗ ପାଇଛୁ, ତଦନ୍ତ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି। ତେବେ ଏହି ଅଞ୍ଚଳରେ ଲାଲବାହିନୀଙ୍କ ଉପସ୍ଥିତି ନ ଥିବା ବେଳେ କିଏ ଏଭଳି କାମ କେଉଁ ଉଦ୍ଦେଶ୍ୟରେ କରିଛନ୍ତି ତାକୁ ନେଇ ସାଧାରଣରେଏବେ ନାନା ଚର୍ଚ୍ଚା ଜୋର ଧରିଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ଗୁରୁତ୍ୱ ଦେଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ଜଙ୍ଗଲ ବିଭାଗ ଗଛ ଲଗାଉଛି, କେନ୍ଦୁପତ୍ର ବିଭାଗ କାଟୁଛି

ସଇଁତଲା,୨୩।୬(ରାଖାଲ ପ୍ରସାଦ ଶତପଥି)

**ଅସ୍ଥାୟୀ କେନ୍ଦୁପତ୍ର ଗୋଦାମ ନିର୍ମାଣ ପାଇଁ ବ୍ୟାପକ ଗଛ କଟା ଅଭିଯୋଗ**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଞ୍ଚଳରେ ଅସ୍ଥାୟୀ କେନ୍ଦୁପତ୍ର ଗୋଦାମ ନିର୍ମାଣ ଓ କେନ୍ଦୁପତ୍ର ତୋଳାଳୀମାନେ ରୋଷେଇ କରିବା ପାଇଁ ନିକଟସ୍ଥ ଜଙ୍ଗଲରୁ ଜଙ୍ଗଲ ବିଭାଗର ଅଜ୍ଞାତରେ ବ୍ୟାପକ ଗଛ କାଟୁଥିବା ଅଭିଯୋଗ ହେଉଛି। ସଇଁତଲା କେନ୍ଦୁପତ୍ର ବିଭାଗ ଅନ୍ତର୍ଗତ ଧରବଗଡ଼ ଅଞ୍ଚଳରେ ଏହି ଭଳି ଚିତ୍ର ସାମ୍ନାକୁ ଆସିଛି। ସମ୍ପୃକ୍ତ ଅଞ୍ଚଳର ମାକ୍ରି ଓ ପେଣ୍ଡରାମାଲ ଗ୍ରାମଠାରେ ଦୁଇଟି ପକ୍କା କେନ୍ଦୁପତ୍ର ଗୋଦାମ ଘର ରହିଛି। ଧରପଗଡ଼ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କେନ୍ଦୁପତ୍ର ବିଭାଗ ଜଙ୍ଗଲରୁ ବାଉଁଶ, ବିଭିନ୍ନ ଗଛ କାଟି ଆଣି ଏକ ଅସ୍ଥାୟୀ ଗୋଦାମ ଗୃହ ନିର୍ମାଣ କରାଯାଉଛି। ସେହିଭଳି କେନ୍ଦୁପତ୍ର ବନ୍ଧାଳୀମାନେ ଉକ୍ତ ଜଙ୍ଗଲରୁ ଗଛ କାଟି ଆଣି ରୋଷେଇ ପାଇଁ ବ୍ୟବହାର କରୁଥିବାବେଳେ ରବିବାର ଉକ୍ତ ସ୍ଥାନରୁ ଶତାଧିକ ଗଛକୁ କାଟି ଗଣ୍ଡପତ୍ରାପାଲି ପଞ୍ଚାୟତ ଅଞ୍ଚଳରେ ଥିବା ଭତାସର ପତ୍ର ଫଡ଼ିକୁ ଟ୍ରାକ୍ଟର ଯୋଗେ ନେଇଥିଲେ। ଆମ ପ୍ରତିନିଧି ଏହି ସମୟରେ ସେଠାରେ ପହଞ୍ଚି ଚିତ୍ର ଉତ୍ତୋଳନ କରିବାରୁ ଶ୍ରମିକମାନେ କାହିଁକି ଚିତ୍ର ଉତ୍ତୋଳନ କରୁଛ, ଆମକୁ ଉପରୁ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ। ଏ ସମ୍ପର୍କରେ ବଡ଼ମାଳସ୍ଥିତ ବନ ବିଭାଗରେ ଅଭିଯୋଗ ହେବାପରେ ଜଣେ ବନ କର୍ମଚାରୀ ଟ୍ରାକ୍ଟରରୁ କାଠ ଖାଲି କରିବା ପାଇଁ କହିଥିଲେ। କିନ୍ତୁ ଶ୍ରମିକମାନେ କାଠ ନେଇ ଯିବା ପାଇଁ କେନ୍ଦୁପତ୍ର ରେଞ୍ଜର ତାଙ୍କୁ କହିଥିବା କହି କାଠ ବୋଝେଇ ଟ୍ରାକ୍ଟର ନେଇ ପଳାଇଥିଲେ। ଧରବଗଡ଼ ଅଞ୍ଚଳରେ କେନ୍ଦୁପତ୍ର ବନ୍ଧା ଦାୟିତ୍ୱରେ ଥିବା ଚେକର ରାଜୁ ବିଶିଙ୍କୁ ପଚାରିବାରୁ ପ୍ରତ୍ୟେକ ବର୍ଷ ଏଭଳି ଜଙ୍ଗଲରୁ ଗଛ କାଟି କାର୍ଯ୍ୟରେ ବ୍ୟବହାର କରାଯାଇଥାଏ ବୋଲି କହିଥିଲେ। ଅନ୍ୟପକ୍ଷରେ ବଡ଼ମାଳ ଜଙ୍ଗଲ ବିଭାଗ ଫରେଷ୍ଟର ପ୍ରିୟଙ୍କା ପୋଢ଼ଙ୍କୁ ପଚାରିବାରୁ କେନ୍ଦୁ ପତ୍ର ବିଭାଗ ତରଫରୁ ଗଛ କାଟିବା ପାଇଁ କୌଣସି ଅନୁମତି ନେଇ ନ ଥିବା କହିଥିଲେ । ଗଛ ଲଗାଇବା ପାଇଁ ଜଙ୍ଗଲ ବିଭାଗ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ କେନ୍ଦୁପତ୍ର ବିଭାଗ କିଭଳି ଜଙ୍ଗଲ ବିଭାଗର ଅଜ୍ଞାତରେ ଶହ ଶହ ଗଛ କାଟୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିଂଝାଲ ସମାଜର ଜନସଂଖ୍ୟା ସର୍ଭେ କରାଯିବ


ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତାମାନେ।

**ବିଂଝାଲ ସମାଜର ବୈଠକ**

ଖପ୍ରାଖୋଲ ୨୩।୬ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ପବିତ୍ର ତୀର୍ଥ କ୍ଷେତ୍ର ହରିଶଙ୍କର ମା' ବିନ୍ଧ୍ୟବାସିନୀ ମନ୍ଦିର ପ୍ରାଙ୍ଗଣରେ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଂଝାଲ ସମାଜର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସଭାପତି ଚନ୍ଦ୍ର ଶେଖର ବାଗ ଅଧ୍ୟକ୍ଷତା କରିଥିଲେ। ସମାଜର ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସମାଜର ସାମଗ୍ରିକ ବିକାଶ ସହ ଜିଲାରେ ଥିବା ବିଂଝାଲ ସାମାଜର ଜନସଂଖ୍ୟା ସର୍ଭେ କରାଯିବା ନେଇ ଜିଲା ସଭାପତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖପ୍ରାଖୋଲ ବ୍ଲକ ଉପସଭାପତି କେଶବ ବରିହା, କୋଷାଧ୍ୟକ୍ଷ ବିପିନ ବରିହା, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା,ପାଟଣାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହା, କୋଷାଧ୍ୟକ୍ଷ ଗୌରାଙ୍ଗ ବରିହା, ଯଦୁମଣି ବରିହା,ବିରଞ୍ଚି ବରିହା, ବଳ ବରିହା, ହୃଷୀକେଶ ବରିହା, ମହେଶ ବରିହା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। କିଶୋର ଚନ୍ଦ୍ର ବରିହା ସ୍ୱାଗତ ଭାଷଣ ଓ ଯଦୁମଣି ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ଫଡିଘର ମରାମତିରେ ଅନିୟମିତତା

ଲୋଇସିଂହା,୨୩।୬(ସୁଶାନ୍ତ ବାରିକ)

**ଶ୍ରମିକଙ୍କୁ ମିଳିନି ଡିଏସ୍ ଟଙ୍କା**

କେନ୍ଦୁପତ୍ର ସଂଗ୍ରହ କରିବା ଦେଢମାସ ବିତି ଗଲାଣି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା କେନ୍ଦୁପତ୍ର ରେଞ୍ଜ ଅଧୀନରେ କାର୍ଯ୍ୟରତ ଶ୍ରମିକଙ୍କୁ ଏଯାଏ ପାଉଣା ମିଳିପାରିନାହିଁ। ଏଥିପାଇଁ ସେମାନେ ରେଞ୍ଜ ଅଫିସକୁ ଦୌଡି ନୟାନ୍ତ ହେଉଥିଲେ ସୁଦ୍ଧା ସୁଫଳ ମିଳୁନାହିଁ। ଏହାକୁ ନେଇ ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋଇସିଂହା ରେଞ୍ଜ ଅଧୀନରେ ପ୍ରାୟ ୪୪ଟି ଫଡି ଘର ରହିଛି। ଏହା ଅଧୀନରେ ଥିବା ଶତାଧିକ ଶ୍ରମିକ ଏପ୍ରିଲ ୨୫ରୁ ଜୁନ ୧ଯାଏ ରଚାଇବୁହାଇ, ପାଣିଝରାଇ ଏବଂ ପତ୍ର ମଚାନ କାମରେ ନିୟୋଜିତ ହୋଇଥିଲେ। ହେଲେ ପ୍ରାୟ ଦେଢମାସ ବତିଯାଇଥିଲେ ସୁଦ୍ଧା ଶ୍ରମିକଙ୍କ ପାଉଣା ପୈଠ ହୋଇନାହିଁ। ଶ୍ରମିକମାନେ ପାଉଣା ପାଇଁ ରେଞ୍ଜ ଅଫିସ ଗଲେ ଅଧିକାରୀଙ୍କ ଦେଖା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଟାଣ ଖରାରେ କାମ କରି ଏବେ ପାଉଣା ଲାଗି ହଟହଟା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଗତବର୍ଷର ପତ୍ର ବନ୍ଧାଇ ପଉଣା ଅଧା ଦିଆଯାଇଥିବାବେଳେ ଅବଶିଷ୍ଟ ଟଙ୍କା କୁଆଡେ ଆତ୍ମସାତ କରାଯାଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଚଳିତବର୍ଷ ମଧ୍ୟ ଫଡିଘର ମରାମତିରେ ଅନିୟମିତତା ଅଭିଯୋଗ ଆସିଛି। ସିଆଲବାହାଲି, ବଡଟିକା, ଝରଣୀପାଲି, କୁଦୋପାଲି, ସହାଜଚାପର, ଆଡେନଡୁଙ୍ଗରୀ, କେନ୍ଦମୁଣ୍ଡି, ଖଲିଆପାଲି, ଧଉଁରାଦାଦର, ଡୁଡୁକା, ମିର୍ଦ୍ଧାପଡା ଆଦି ଫଡିଘର ଆବଶ୍ୟକ ଅନୁଯାୟୀ ନଡା ଛାଉଣି ନକରି ପଲିଥିନ ଢାଙ୍କି ଦିଆଯାଇଛି। ସେହିପରି କୁଶମେଲ ସେକ୍ସନ ଫଡିଘର ମରାମତି ଟଙ୍କା ଏବଂ କେନ୍ଦୁପତ୍ର ରଚାଇବୁହାଇ,ପଣିଝରାଇ ଓ ମଚାନ କାମ ଟଙ୍କା ଶ୍ରମିକଙ୍କୁ ମିଳିନାହିଁ। ଏ ସମ୍ପର୍କରେ ଲୋଇସିଂହା ରେଞ୍ଜ ଅଧିକାରୀ ଶେଷଦେବ ମେହେର କହିଛନ୍ତି ସରକାର ପରିବର୍ତ୍ତନ ପରେ ଟଙ୍କା ରିଲିଜ ହୋଇନହିଁ। ଟଙ୍କା ଆସି ନ ଥିବାରୁ ଶ୍ରମିକଙ୍କୁ ପାଉଣା ଦିଆଯାଇ ପାରିନାହିଁ। ପଡୋଶୀ ରେଞ୍ଜରେ ଶ୍ରମିକଙ୍କ ପାଉଣା ହୋଇ ସାରିଥିବା କହିବାରୁ ସେ ପ୍ରସଙ୍ଗୁ ଏଡାଇଯାଇଥିଲେ। ଫଡି ମରାମତି ଆବଶ୍ୟକତା ଅନୁଯାୟୀ କରଯାଇଛି ବୋଲି ସେ କହିଥିଲେ।

# ଯୋଜନାର ସୁଫଳ ଯୋଗ୍ୟ ବ୍ୟକ୍ତି ପାଖରେ ପହଞ୍ଚୁ

**ମୁରିବାହାଲ ଗସ୍ତ ବେଳେ କହିଲେ କଣ୍ଟାବାଞ୍ଜି ବିଧାୟକ**

ମୁରିବାହାଲ,୨୩।୬(ଶ୍ରୀବତ୍ସ ବେହେରା)



ବୈଠକରେ ଉପସ୍ଥିତ ବିଧାୟକ ଲକ୍ଷ୍ମଣ ବାଗ ଓ ଅନ୍ୟମାନେ।

ନବ ନିର୍ବାଚିତ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ରବିବାର ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗସ୍ତ କରିଥିଲେ। ବ୍ଲକ କାର୍ଯ୍ୟାଳୟ ସହ ବିଭିନ୍ନ ପଞ୍ଚାୟତ ଅଫିସ ସେ ପରିଦର୍ଶନ କରିଥିଲେ। ବ୍ଲକ ସଭାଗୃହରେ ବିଡ଼ିଓ ପୂର୍ଣନନ୍ଦ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ବାଗ କହିଥିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ଯେପରି କେହି ବଞ୍ଚିତ ନ ରହନ୍ତି ସେ ଦିଗରେ ପ୍ରଶାସନ ଅଙ୍ଗୀକାରବଦ୍ଧତା ପ୍ରଦର୍ଶନ କରୁ। ବିଭିନ୍ନ ପ୍ରକାର ଭତ୍ତା, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରକୃତ ଯୋଗ୍ୟ ବ୍ୟକ୍ତି କିପରି ପାଇବେ ତାହା ଦେଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ପରାମର୍ଶ ଦେଇଥିଲେ। ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ଭାଜପା ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ବ୍ଲକ ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ଏଏଇ ଅବିନାଶ ମୋଡ, ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ, ପିଇଓ, ଜିଆରଏସ, ଏମବିକେ ବିଧାୟକ ବାଗ ଉପସ୍ଥିତ ଥିଲେ। ପରେ ମୁରିବାହାଲ କଲ୍ୟାଣ ଭବନରେ ଆଶାମାନଙ୍କୁ ନେଇ ହୋଇଥିବା ବୈଠକରେ ବିଧାୟକ ବଗ ଯୋଗ ସେମାନଙ୍କ ସମସ୍ତ ସୁବିଧା ଅସୁବିଧା ବୁଝିଥିଲେ । ସେଠାରୁ ହଳଦୀ ମଣ୍ଡଳର ୬ ଗ୍ରାମ ପଞ୍ଚାୟତର ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକରେ ସେ ଯୋଗଦେଇଥିଲେ। ଏଥିରେ ମଣ୍ଡଳ ସଭାପତି ଈଶ୍ୱର ପୁଟେଲ ସଭାପତିତ୍ୱ କରିଥିଲେ। ପରେ ନୂଆପଡା, ଡେଙ୍ଗପଢ଼ର, ଖରାଳି, ମାଳିସାରା, ଓ ହଳଦୀ ଗ୍ରାମରେ ସର୍ବସାଧାରଣ ସଭାମାନ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସୁବାଷ ପୋଢ଼, ଲାଲବାହାଦୂର ପୁଟେଲ, ଗଙ୍ଗାଧର ହେର୍ଣ୍ଣା, ରାଜୀବ କୁମାର ମହାନ୍ତି, ରାମୁ କୁମ୍ଭାର, ପ୍ରଦୀପ ବଛା, କୈବଲ୍ୟ ବେହେରା, ନାରାୟଣ ସାହୁ, ପୂରଣ ବାଗ, ବାଳକୃଷ୍ଣ ପୁଟେଲ, ସରୋଜ ବାଗ ଉପସ୍ଥିତ ଥିଲେ।

# ଗ୍ରେଡ ପେ ସଂଶୋଧନ, ନିୟମିତ ଦାବିକଲେ ଶିକ୍ଷକ

ଲୋଇସିଂହା,୨୩।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ନଅଗାଁ(ଖ) ଭାଜପା କାର୍ଯ୍ୟାଳୟରେ ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଶନିବାର ଜନସାଧାରଣଙ୍କୁ ସାକ୍ଷାତ୍ କାର୍ଯ୍ୟକ୍ରମ ରହିଥିଲା। ବଲାଙ୍ଗୀର ଜିଲାର ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ଏସଏସବି ଅଧ୍ୟାପକଙ୍କ ପକ୍ଷରୁ ଗ୍ରେଡ ପେ ସଂଶୋଧନ ଦାବି କରାଯାଇଛି। ଅପରପକ୍ଷେ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କଳା ଓ କ୍ରୀଡା ଶିକ୍ଷକ ନିୟମିତ କରିବାକୁ ମନ୍ତ୍ରୀ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏସଏସବି ଅଧ୍ୟାପକ ଦୈତାରୀ ଶବର, ଭୂରିଶ୍ରବା ମାଝି, ଲିଙ୍ଗରାଜ ମେହେର, ରଶ୍ମିଲତା ମହାନନ୍ଦ, ମାନସ କୁମାର, ଗୋପାଳ ସାହୁ, ସୋମନାଥ ପଧାନ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମନ୍ତ୍ରୀ ମହାଲିଙ୍ଗଙ୍କୁ ଭେଟିଥିଲେ । ସେମାନଙ୍କ ଦାବିଥିଲା ଓଡିଶା ରାଜ୍ୟ ପ୍ରବଣ ମଣ୍ଡଳୀ (ଏସଏସବି) ଦ୍ୱାରା ମନୋନୀତ ଓ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି। ମୂଳ ଦରମାରେ ୪୬୦୦ ଗ୍ରେଡ ପାଉଛନ୍ତି। ହେଲେ ସମାନ ଯୋଗ୍ୟତା ଓ ସମାନ ପ୍ରକ୍ରିୟାରେ ସରକାରୀ ମହାବିଦ୍ୟାଳୟର ନିଯୁକ୍ତ ଅଧ୍ୟାପକ ୫୪୦୦ ଗ୍ରେଡ ପାଉଛନ୍ତି। ଏହା ପରିତାପର ବିଷୟ। ସମାନ କାମକୁ ସମାନ ଦରମା ନ୍ୟାୟରେ ଭାଜପା ସରକାର ସେମାନଙ୍କ ଦାବିକୁ ସହୃଦୟତାର ସହ ବିଚାର କରି ଗ୍ରେଡ ପେରେ ସଂଶୋଧନ କରିବାକୁ ଉକ୍ତ ପ୍ରତିନିଧି ନିବେଦନ କରିଥିଲେ। ସେହିପରି ସରକାରଙ୍କ ପକ୍ଷରୁ ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ହଜାରରୁ ଊର୍ଦ୍ଧ୍ୱ କଳା ଓ କ୍ରୀଡା ଶିକ୍ଷକ ନିଯୁକ୍ତି ପାଇଛନ୍ତି। ନିଯୁକ୍ତିକୁ ୧୧ ବର୍ଷ ପୂରି ସାରିଛି । ପୂର୍ବ ସରକାର ବିଭିନ୍ନ ସମୟରେ ସ୍ୱଳ୍ପ ଦରମା ବଢାଇ କଳା ଓ କ୍ରୀଡା ଶିକ୍ଷକଙ୍କୁ ଭୂଆଁ ବୁଲାଉଥିଲେ। ନିୟମିତ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ସଂଘ ପକ୍ଷରୁ ନିୟମିତା ଦାବିରେ ଆନ୍ଦୋଳନ ହୋଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଏହି କ୍ରମରେ କଳା ଓ କ୍ରୀଡା ସଂଘ ପକ୍ଷରୁ ବଲାଙ୍ଗୀର ଜିଲାର ଲୋଇସିଂହା ବ୍ଲକ ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳା ଶିକ୍ଷକ ପ୍ରକାଶ କୁମାର ସାହୁ ଓ କ୍ରୀଡା ଶିକ୍ଷକ ବାବବଲୁ ନାୟକଙ୍କ ନେତୃତ୍ୱରେ ଜିଲାର ୧୪ ବ୍ଲକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟରତ ଶିକ୍ଷକ ମନ୍ତ୍ରୀଙ୍କୁ ଭେଟିଛନ୍ତି। ସେହିପରି ବଲାଙ୍ଗୀର ଜିଲାର ବିଭିନ୍ନ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଏସଇବିସି ବର୍ଗର ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦୀର୍ଘ ୧୦ ବର୍ଷ ଧରି କାମ କରୁଛନ୍ତି। ହେଲେ ପୂର୍ବ ରାଜ୍ୟ ସରକାର ସେମାନଙ୍କୁ ନିୟମିତା କରିବାରେ ଅଣଦେଖା କରିଥିଲେ। ନୂତନ ଭାଜପା ସରକାର ପ୍ରତି ଅସ୍ଥା ପ୍ରକଟ କରି ସେମାନେ ଚାକିରି ନିୟମିତ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ୍ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍କାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

# ୨ ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ ସମ୍ବର୍ଦ୍ଧିତ

### ମୁନିକେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



**ପାଇକମାଳ,୨୩।୬(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ମୁନିକେଲ ପ୍ରାଥମିକ ବିଦ୍ୟାଳୟରେ ୨ଜଣ ଛାତ୍ର ଛାତ୍ରୀ ଓ ପ୍ରଧାନ ଶିକ୍ଷକଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ପଞ୍ଚମ ଶ୍ରେଣୀ ଛାତ୍ରୀ ଚିରସ୍ମିତା ଭୋଇ ନବୋଦୟ ପ୍ରବେଶିକା ପରୀକ୍ଷାରେ ପାଇକମାଳ ବ୍ଲକରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ଛାତ୍ର ଶିବ ସୁନା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଥିବାବେଳେ ଏହି ବିଦ୍ୟାଳୟ ୨୦୨୪ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ଏଥିସହ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ସରକାରଙ୍କ ଦ୍ୱାରା କରାଯାଇଛି। ତେଣୁ ସ୍କୁଲ ଶିକ୍ଷା କମିଟି ପକ୍ଷରୁ ଗ୍ରାମରେ ସମ୍ପୃକ୍ତ ଛାତ୍ର ଓ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ କରାଯାଇ ସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଛି।

# ଗୁରୁ ଭଗବାନ ସାହୁଙ୍କ ଅବଦାନ ଅବିସ୍ମରଣୀୟ

**ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)**



ଗୁରୁ ଭଗବାନ ସାହୁ ରଜ୍ୟସ୍ତରୀୟ ମହୋତ୍ସବରେ ଅତିଥିବୃନ୍ଦ।

ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ନିମନ୍ତେ ଗୁରୁ ଭଗବାନ ସାହୁଙ୍କ ଅବଦାନ ଅତୁଳନୀୟ। ସମ୍ବଲପୁରୀ ଲୋକଗୀତ, ଲୋକନୃତ୍ୟ, ବିଶେଷକରି ଶବ୍ଦନୃତ୍ୟର ପ୍ରଚାର, ପ୍ରସାର ଦିଗରେ ସେ ଯେଉଁଭଳି କାର୍ଯ୍ୟ କରି ଯାଇଛନ୍ତି, ତାହା ସର୍ବଦା ସ୍ମରଣୀୟ ବୋଲି ଶନିବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଗୁରୁ ଭଗବାନ ସାହୁ ରଜ୍ୟସ୍ତରୀୟ ମହୋତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। କୋଶଲ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ସ୍ମୃତି କମିଟି ଏବଂ ଓଡ଼ିଶା ସଙ୍ଗୀତ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଡ. ତପସ୍ୱିନୀ ଗୁରୁ ସଭାପତିତ୍ୱ କରିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ନିମନ୍ତେ ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ତେଣୁ ସାମ୍ପ୍ରତିକ ସମୟରେ ତାଙ୍କ ଭଳି ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି ବୋଲି ଷଡ଼ଙ୍ଗୀ ମତପ୍ରକାଶ କରିଥିଲେ। ବରଗଡ଼ ପୌରାଧକ୍ଷା କଳ୍ପନା ମାଝି ସମ୍ମାନିତ ଅତିଥି ଏବଂ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଗୁରୁ ଭଗବାନ ସାହୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ବିନୋଦ ପଶାୟତ, ପଦ୍ମଶ୍ରୀ ଭାଗବତ ପ୍ରଧାନ, ନାଟ୍ୟକାର ନକୁଳ ବାଦିଙ୍କୁ ଗୁରୁ ଭଗବାନ ସାହୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ଭଗବାନ ସାହୁଙ୍କ ପଟ୍ଟଶିଷ୍ୟ ଦଧିବାବନ ଶତପଥୀ ସଙ୍ଗୀତ, ଅଭିପସା ପତି ଓଡ଼ିଶୀ ନୃତ୍ୟ ଏବଂ କୁମ୍ଭାରୀର ଶିଳ୍ପୀମାନେ ଶବ୍ଦନୃତ୍ୟ ପରିବେଷଣ କରିଥିଲେ। ସଙ୍ଗଠନ ସମ୍ପାଦକ ପ୍ରଦୀପ ଦେବତା, ବରିଷ୍ଠ ସଦସ୍ୟ ଯୁଗଳ ପ୍ରସାଦ ସିଂ, ରବିନ ଚନ୍ଦ୍ର ଦାଶ, ମନୋରଞ୍ଜନ ମେହେର, ପଞ୍ଚାନନ ବାରିକ ପ୍ରମୁଖ ଗୁରୁ ଭଗବାନ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା ସ୍ୱାଗତ ଭାଷଣ ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଡ. ରବି ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରୀତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩୪୯ ବୋତଲ କଫ ସିରପ୍ ଜବତ, ୨ କୋର୍ଟ ଚାଲାଣ

**ପାଇକମାଳ,୨୩।୬(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ଥାନା ଅଞ୍ଚଳରେ ରବିବାର ବିପୁଳ ପରିମାଣର କଫ୍ ସିରପ୍ ପୋଲିସ ଜବତ କରିଛି। ଏହି ଅଭିଯୋଗରେ ପୋଲିସ ସୋହେଲାର ସାହୁ ଟିକରା ଝୁନା ଓରଫ ଯୋଗେଶ୍ୱର ପ୍ରଧାନ ଓ ଗୋଇବାହାଲି ଗ୍ରାମର ଦୀନେଶ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଶ୍ୱସ୍ତ ସୂତ୍ରରୁ ପାଇକମାଳ ପୋଲିସ ଖବର ପାଇବା ପରେ ଥାନା ଅଧିକାରୀ ସୁଶାନ୍ତ କୁମାର ବଇଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ଭଗତ ସିଂ ମାଝି ନେତୃତ୍ୱରେ ଏକ ଟିମ ଚଢ଼ାଉ କରିଥିଲା। ପାଇକମାଳ ଥାନା ଅନ୍ତର୍ଗତ ପଦ୍ମପୁର ଆଡୁ ଆସୁଥିବା ଏକ ଲାଲ ରଙ୍ଗର କାର ନଂ. (ଓଡି୦୨ସିଏଚ୍–୩୪୭୩)କୁ ଗୋଇବାହାଲି ଛକରେ ଧରିବାରେ ସକ୍ଷମ ହୋଇଥିଲେ। ଗାଡି ଯାଞ୍ଚ ସମୟରେ ୯ଟି ପେଟି କଫ୍ ସିରପ୍ ଥିବା ଦେଖି ପାଇକମାଳ ଥାନାକୁ ଆଣିଥିଲା ପୋଲିସ। ଥାନାରେ ଏକ ମାମଲା (ନଂ.୧୪୮/୨୪) ରୁଜୁ କରି ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୩୪୯ ବୋତଲ ଏସକଫ କଫ ସିରଫ, ୨ଟି ଦାମୀ କାର ଜବତ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଗିରଫ ଉଭୟ ଯୁବକ ଇଂଲଶିରେ ଏମ୍‌ଫିଲ କରିଥିବା ବେଳେ ଦୀନେଶ ସିଭିଲ ଇଞ୍ଜିନିୟର ପାଠ ପଢିଥିବା ଜଣାପଡିଛି।



ଗିରଫ ୨ଜଣ, ଜବତ କାର୍ ଏବଂ କଫ ସରିପ୍।

# କୋଶଲି ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ

**ବରପାଲି,୨୩।୬(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଅନ୍ତର୍ଗତ ଗଙ୍ଗାଧର କ୍ଲବ ପରିସରରେ ବିଶିଷ୍ଟ ଶବ୍ଦନୃତ୍ୟ ଗୁରୁ କୋସଲି ନାଟ୍ୟ ମହର୍ଷି ସ୍ୱର୍ଗତ ଭଗବାନ ସାହୁଙ୍କ ୯୪ତମ ଜୟନ୍ତୀ ଉତ୍ସବ ସ୍ମୃତି କମିଟି ଅଧ୍ୟକ୍ଷ ସୁବଳ ଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଥମେ ମା' ସମଲେଶ୍ୱରୀ, ସ୍ୱର୍ଗତ ଭଗବାନ ସାହୁ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଥମେ ପଦ୍ମଶ୍ରୀ ଭାଗବତ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପୁର ବିଧାୟକ ସନତ କୁମାର ଗଡତିଆ, ସମ୍ମାନିତ ଅତିଥି ଭାବେ ବରପାଲି ଏନ୍‌ଏସି ଅଧକ୍ଷ ଦିନେଶ ଗହୀର, ତହସିଲଦାର ରୁକମନ ମେହେର, ମୁଖ୍ୟବକ୍ତା ଭାବେ ପଦ୍ମିନୀ ଦାସ, ଅଧକ୍ଷ ମହିଳା ମହାବିଦ୍ୟାଳୟ ବରପାଲି ଯୋଗଦାନ କରି ସ୍ୱର୍ଗତ ଭଗବାନ ସାହୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଯଦିଓ ନାଟ୍ୟ ଜଗତରେ ସାରା ରାଜ୍ୟ ହେଉ କିମ୍ବା ରାଜ୍ୟ ବାହାରେ ହେଉ ସ୍ୱର୍ଗତ ଭଗବାନ ସାହୁ ନାଟ୍ୟ ରୂପାନ୍ତରିତ ଜୀବନ୍ତ ଉଦାହରଣ। ତାଙ୍କ ରଚିତ ନିର୍ଦ୍ଦେଶନାରେ ବହୁ ନାଟକ ତାର ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି ବୋଲି ଉପସ୍ଥିତ ଅତିଥିମାନେ ବାକ୍ତବ୍ୟ ପ୍ରଦାନ କରିଥିଲେ। ଜୟନ୍ତୀ ସମାରୋହରେ ଭଗବାନ ସାହୁ ସ୍ମୃତି କମିଟିର ଭୁବନ ଭୋଇ, ସାର୍ତ୍ତିକ ନାଏକ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମ ମହେନ୍ଦ୍ର ମେହେର ପରିଚାଳନା କରିଥିଲେ। ନିରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ରଥଯାତ୍ରା ପ୍ରସ୍ତୁତି ବୈଠକ, ନୂତନ କମିଟି ଗଠିତ



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ପାଇକମାଳ,୨୩।୬(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳସ୍ଥିତ ମାଉସୀ ମା' ମନ୍ଦିରଠାରେ ଚଳିତବର୍ଷ ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସହ ଶୃଙ୍ଖଳିତ ରଥଯାତ୍ରା ପାଇଁ ନୂତନ ପରିଚାଳନା କମିଟି ଗଠନ ହୋଇଯାଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିବାବେଳେ ବ୍ରହ୍ମପୁରା ବ୍ରାହ୍ମଣ ସମାଜ ଉଦ୍ୟୋକ୍ତା ଗଣ ଉପସ୍ଥିତ ରହି ଚଳିତ ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ପୂଜା ନିତୀକାନ୍ତୀ କିଭଳି ଶୃଙ୍ଖଳାର ସହ ହେବ ସେ ନେଇ ଆଲୋଚନା କରିଥିଲେ। ମୁଖ୍ୟତଃ ରଥଯାତ୍ରା ସମୟରେ ପ୍ରବଳ ଜନସମାଗମ ହେବା ଆଶା ରହିଥିବାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦ ସେବନ ଶାନ୍ତିଶୃଙ୍ଖଳା ପ୍ରତି କମିଟି ଧ୍ୟାନ ଦେବ ବୋଲି ମତ ପ୍ରକାଶ ପାଇଥିଲା। ନୂତନ ପରିଚାଳନା କମିଟିରେ ସଭାପତି ଭାବେ ସରୋଜ ସାମଲ, ଉପ ସଭାପତି ଜୟଦେବ ମଟାରୀ, ସମ୍ପାଦକ ସୁଶାନ୍ତ ନାଗ, ସହ ସମ୍ପାଦକ ଯୋଗେନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଭାବେ କମଲେଶ ଅଗ୍ରୱାଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ଉପଦେଷ୍ଟା କମିଟି ମଧ୍ୟ ଗଠନ କରାଯାଇଥିଲା। ଶେଷରେ ନୂତନ ସଭାପତି ସମସ୍ତଙ୍କ ସହଯୋଗ କାମନା କରିବା ସହ ଗିରିଶ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ପାଇକମାଲ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ କାଲିଆ, ଗୋବର୍ଦ୍ଧନ ଅଗ୍ରୱାଲ, କୁସୁମ ରାଓ, ସୁବୋଧ ପଣ୍ଡା, ଜନାର୍ଦ୍ଦନ ପଣ୍ଡା, ଶଙ୍କର ଦାଶ, ମାତୃ ପ୍ରସାଦ ରଥ, ଆଶୁତୋଷ ସାହୁ, ନିମାଇଁ ନନ୍ଦ ହୋତା, ଆକାଶ ପାଣିଗ୍ରାହୀ, ମୁଜାଫର ହୁସେନ, ନରେନ୍ଦ୍ର ସାହୁ, ଅମୃତ ପଣ୍ଡାଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚ ପୁନର୍ଗଠିତ



ପଶ୍ଚିମାଞ୍ଚଳ ଏକତା ମଞ୍ଚ, ବରଗଡ଼ ଶାଖା ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

**ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)**

ପଶ୍ଚିମାଞ୍ଚଳ ଏକତା ମଞ୍ଚ, ବରଗଡ଼ ଶାଖା ପୁନର୍ଗଠିତ ହୋଇଛି। ଏହି ଅବସରରେ ରବିବାର ମଞ୍ଚର ଆବାହକ ଭବାନୀଶ ଭୋଇଙ୍କ ଉପସ୍ଥିତିରେ ସ୍ଥାନୀୟ ସୌଖିନ କଳାକାର ମଞ୍ଚରେ ଅନୁଷ୍ଠିତ ବୈଠକରେ ସଙ୍ଗଠନ ସମ୍ପାଦକ ଗୋପାଳ ଦାଶ ସଭାପତିତ୍ୱ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ନେହେରୁ ସରାଫଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ, ବରଗଡ଼ ଶାଖାର ସଂଯୋଜକ ମନୋନୀତ କରାଯାଇଥିଲା। ସେହିପରି ଗୋପାଳ ଦାଶଙ୍କୁ କାର୍ଯ୍ୟକ୍ରମ ସଂଯୋଜକ, ବୈରାଗୀ ସାହୁଙ୍କୁ ଅର୍ଥ ସଂଯୋଜକ, ତୁଳାରାମ ମହାନନ୍ଦଙ୍କୁ ସାଂସ୍କୃତିକ ସଂଯୋଜକ, ନମିତା ଦୀପ ଯାଦବଙ୍କୁ ମହିଳା ସଂଯୋଜିକା, ସୁରେଶ ମହାନନ୍ଦଙ୍କୁ ମିଡ଼ିଆ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ମନବୋଧ ସାହୁ, ପାଣ୍ଡବ ପ୍ରଧାନ, କେଦାରନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ମଞ୍ଚର କେନ୍ଦ୍ରୀୟ ଆବାହକ ଭବାନୀଶ ଭୋଇ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ବୈଠକରେ ଆସନ୍ତା ଜୁଲାଇ ୧ ତାରିଖରେ ଗୁରୁ ସତ୍ୟନାରାୟଣ ବହିଦାର ଏବଂ ଗୁରୁ ଶ୍ରୀଧର ପ୍ରଧାନଙ୍କ ଜୟନ୍ତୀ ଅବସରରେ ପାଳିତ ହେବାକୁ ଥିବା ସମ୍ବଲପୁରୀ ଦିନ ପାଳନ ଉପରେ ଆଲୋଚନା ହୋଇଥିଲା। ପଶ୍ଚିମାଞ୍ଚଳ କେନ୍ଦ୍ରୀୟ କମିଟି ସଙ୍ଗଠନ ସହସଂଯୋଜକ ରାଜେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋରିକ୍ସା ମାଲିକ ସଂଘର ରୌପ୍ୟ ଜୟନ୍ତୀ ସମାରୋହ



ଅଟୋରିକ୍ସା ମାଲିକ ସଂଘର ରୌପ୍ୟ ଜୟନ୍ତୀ ସମାରୋହରେ ଅତିଥିବୃନ୍ଦ।

**ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଟୋରିକ୍ସା ମାଲିକ ସଂଘର ରୌପ୍ୟ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଂଘ ସଭାପତି ସର୍ଦ୍ଦାର ପ୍ରୀତମ ସିଂ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ପୂର୍ବତନ ପୌରାଧକ୍ଷ ପ୍ରଶାନ୍ତ ବେହେର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କଣ୍ଠଶିଳ୍ପୀ ମୁଗ୍ଧା ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥି ସଂଘର ନୂତନ ଲୋଗୋ ଉନ୍ମୋଚନ କରିଥିଲେ। ଏହି ଅବସରରେ ବରିଷ୍ଠ ଅଟୋଚାଳକ ତଥା ଦୀର୍ଘ ୨୫ବର୍ଷରୁ ଅଟୋ ଚାଳନା କରୁଥିବା ଅଟୋ ଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଟୋଚାଳକଙ୍କ ଝିଅପୁଅମାନେ ଉକ୍ତ ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନୃତ୍ୟ ନିର୍ଦ୍ଦେଶକ କୁଶ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ତାଙ୍କ ଶିଷ୍ୟମାନେ ନୃତ୍ୟ ପରିବେଷଣ କରିଥିଲେ। ଜିଲାର ସବୁବ୍ଲକରୁ ଅଟୋ ଚାଳକମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଏବଂ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ସହସମ୍ପାଦକ ରାଜେଶ ମୁରଜାନୀ, କୋଷାଧ୍ୟକ୍ଷ ଜୟ ତାଣ୍ଡି, ବୃନ୍ଦାବନ ବେହେରା, ସାରଥୀ ମେହେର, ସପ୍ତରଥୀ ମିଶ୍ର, ହରିଶ କୁମ୍ଭାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡ. ହିମାଂଶୁ ଶେଖର ପାଢ଼ୀ ପାଇଲେ ଚଲାପଥ ସମ୍ମାନ



ଡ.ହିମାଂଶୁ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅମରପାଲି,୨୩।୬(ପୀତାମ୍ବର ସାହୁ)**

ଭୁବନେଶ୍ୱରସ୍ଥିତ ପୁରାତନ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ଚଲାପଥ ପକ୍ଷରୁ ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିପାଇଁ ଜଣାଶୁଣା ସାହିତ୍ୟିକ, ସଂସ୍କୃତି ଗବେଷକ ତଥା ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ହିମାଂଶୁ ଶେଖର ପାଢୀଙ୍କୁ ଚଲାପଥ ସମ୍ମାନ ୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଜୟଦେବ ଭବନରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ତାଙ୍କର ସାମଗ୍ରିକ ପ୍ରତିଭାକୁ ସମ୍ମାନ ଜଣାଇ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ଉକ୍ତ ଉତ୍ସବରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ଼. ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି, ଲବ୍ଧପ୍ରତିଷ୍ଠିତ ପ୍ରବନ୍ଧିକା ଡ଼. ଅର୍ଚ୍ଚନା ନାୟକ ବିଶିଷ୍ଟ ଅତିଥି, ସାହିତ୍ୟିକା ଡ଼. ସଂଘମିତ୍ରା ଭଞ୍ଜ ସ୍ୱତନ୍ତ୍ର ଅତିଥି, କବି ଓ କଥାକାର ନିରାକାର ଦାସ ଏବଂ ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଡ. ପାଢ଼ୀଙ୍କୁ ଡ. ପାଢ଼ୀଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଝାଙ୍କରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ପଦ୍ମପୁର,୨୩।୬(ପ୍ରଦୀପ୍ତ ଦାଶ)**

ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଝାଙ୍କରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ବିଷ୍ଣୁ ପ୍ରସାଦ ଅଦାବରିଆଙ୍କ ସଂଯୋଜନା ଓ ଘନଶ୍ୟାମ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ମୁଖ୍ୟବକ୍ତା ଭାବେ ମାଣ୍ଡୋସିଲି ଡିଗ୍ରୀ କଲେଜ ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ସମ୍ମାନିତ ଅତିଥି ଭାବେ ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି, ପଦ୍ମପୁର ବ୍ଲକ ସହ ଶିକ୍ଷାଅଧିକାରୀ ଶିବପ୍ରସାଦ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଚିତ୍ତରଞ୍ଜନ ବିଶି ଓ ସତ୍ୟନାରାୟଣ ସାହା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ୩୫ଜଣ ପୂର୍ବତନ ଶିକ୍ଷକ ଓ ୧୫ଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ସଫଳ କରାଇଥିଲେ।

# ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା

**ସୋହେଲା,୨୩।୬(ଅଶ୍ୱିନୀ କୁମାର ପାତ୍ର)**



ନବନିର୍ବାଚିତ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ସ୍ୱାଗତ କରାଯାଉଛି।

ବରଗଡ ଜିଲା ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ରବିବାର ସୋହେଲା ବ୍ଲକ ଭାଜପା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ବରଗଡରୁ ଆସିବା ପରେ ଜାତୀୟ ରାଜପଥ ଉପରେ ଥିବା ଦଶମାଇଲ ଛକରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଆଚାର୍ଯ୍ୟ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଶତାଧିକ ଭାଜପା କର୍ମୀଙ୍କ ସହିତ ଏକ ବାଇକ ରାଲିରେ ସୋହେଲାକୁ ବାହାରିଥିଲେ। ରାସ୍ତାରେ ଗର୍ଭଣା, ହଲଦିପାଲି ଛକରେ ଲୋକେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସୋହେଲା ଥାନା ଛକଠାରେ ଶହ ଶହ ମହିଳା ତାଙ୍କୁ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିଲେ। ସେ ରାଲିରେ ଯିବା ବେଳେ ଗାନ୍ଧୀ ଛକଠାରେ ଥିବା ସତ୍ୟାଗ୍ରହୀ ସ୍ମାରକୀ ପୀଠରେ ମାଲ୍ୟାର୍ପଣ କରିଥିଲେ। ରାଲି ମସଜିଦ ଛକକୁ ଯାଇ ବସ୍ତିକୁ ବୁଲିବା ବେଳେ ବାଞ୍ଜିପଡ଼ାର ମହିଳାମାନେ ବିଧାୟକଙ୍କ ପାଦ ଧୋଇ ସ୍ୱାଗତ କରିଥିଲେ। ବିଧାୟକ ଆଚାର୍ଯ୍ୟ ପଦ୍ମପୁର ରୋଡରେ ଥିବା ହନୁମାନ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରି ବଜରଙ୍ଗବଳୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପରେ ନିକଟ ଦୁର୍ଗା ମନ୍ଦିରକୁ ଯାଇ ସେଠାରେ ମା'ଙ୍କ ପୂଜା ଅର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସେ ଦୁର୍ଗା ମନ୍ଦିର ପରିସରରେ ଥିବା ମା' ଗୌରୀ ଦେବୀ ଟ୍ରଷ୍ଟ ଅଫିସକୁ ଯାଇଥିଲେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସୋହେଲାର ବରିଷ୍ଠ ନାଗରିକ ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ, ପ୍ରମୋଦ ସାହୁ, ଦୁଃଖୁ ଠାକୁର, ନଥୁରାମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ସେ ଚେତନା ମଣ୍ଡପ ମଞ୍ଚକୁ ଯାଇ ଶ୍ୟାମା ପ୍ରାସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଉପସ୍ଥିତ କର୍ମୀମାନଙ୍କୁ ନିର୍ବାଚନରେ ତାଙ୍କୁ ବିଜୟୀ କରିଥିବାରୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ସେଥିରେ ସୋହେଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ବ୍ରହ୍ମ କୁମାରୀ ଈଶ୍ୱରିୟ ବିଶ ବିଦ୍ୟାଳୟ, ମାରୱାଡ଼ି ଯୁବା ମଞ୍ଚ ଓ ଶ୍ୟାମ ପରିବାର ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କ୍ଷେତ୍ର କାର୍ଯ୍ୟବାହ ଦୁର୍ଗା ପ୍ରାସାଦ ସାହୁଙ୍କ ବାସ ଭବନକୁ ଯାଇ ତାଙ୍କୁ ସାକ୍ଷାତ କରି ଆଶୀର୍ବାଦ ନେଇଥିଲେ। ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଡ. ଅରୂପା ସାହୁ, ରଘୁବିର ଭୋଇ, ଅଶିନୀ କୁମାର ପାତ୍ର, ଇମରାନ ଭୋପଳା, ପାରେସର୍ ସାହୁ, ଶିବ ଶଙ୍କର ବେହେରା, ରମେଶ କୁମ୍ଭାର, ପ୍ରୋମୋଦ ପୋଢ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍ଥାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

## ସଂକ୍ଷେପରେ

### ଦେଶୀ ମଦ ଜବତ, ୨ ଗିରଫ

ସମ୍ବଲପୁର,୨୩।୬(ପ୍ରମୋଦ ବହିଦାର)

ସମ୍ବଲପୁର ଅବକାରୀ ବିଭାଗ ମୋବାଇଲ୍ ଟିମ୍ ଠେଲକୋଲେଇ ଥାନା ଅନ୍ତର୍ଗତ ଶରଧାପାଲି ଗ୍ରାମରୁ ବେଆଇନ ଭାବେ ଚାଲାଣ ହେଉଥିବା ପ୍ରାୟ ୫୦ଲିଟର ଦେଶୀ ମଦ ଜବତ କରିଛି। ଚାଲାଣ କରୁଥିବା ଉକ୍ତ ଗ୍ରାମର ଦୁହ୍ଲନ ବେସରା ଓ ସମୀର ବେହେରାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଦେଶୀ ମଦ ସହିତ ଏହାକୁ ଚାଲାଣରେ ବ୍ୟବହୃତ ବାଇକକୁ ମଧ୍ୟ ଅବକାରୀ ବିଭାଗ ମୋବାଇଲ୍ ଟିମ ଜବତ କରିଛି। ଅବାକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଘରକୁ ଯାଇ ମା'ଙ୍କ ଆଶୀର୍ବାଦ ନେଲେ ମନ୍ତ୍ରୀ



କୁଚିଣ୍ଡା,୨୩।୬(ବିରଞ୍ଚି ଦର୍ଶା)

କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ କ୍ୟାବିନେଟ ମନ୍ତ୍ରୀ ହେବା ଜାଣି ତାଙ୍କ ମା' ଶୁଭ ନାଏକ, ବଡଭାଇ ମହେନ୍ଦ୍ର ନାଏକ, ଭାଉଜ ପୂର୍ବତନ ସରପଞ୍ଚ ମୀନା ନାଏକ ଭାବ ବିହ୍ୱଳ ହୋଇ ପଡିଥିଲେ। ମନ୍ତ୍ରୀ ନାଏକ କୁଚିଣ୍ଡାକୁ ପ୍ରଥମ ଗସ୍ତ ଅବସରରେ ରବିବାର ତାଙ୍କ ପୈତୃକ ଗାଁ ଖଣ୍ଡୋକଟାକୁ ଯାଇ ମା'ଓ ବଡଭାଇ ଭାଉଜଙ୍କ ଆଶୀର୍ବାଦ ନେଇଛନ୍ତି। ପୁଅକୁ ଦେଖି ମା' ଶୁଭ ତାଙ୍କୁ କୋଳାଗ୍ରତ କରିଥିଲେ। ପରେ ମନ୍ତ୍ରୀ କୁସୁମୀର ମୃତ ରଞ୍ଜନ ପଟେଲଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ରଞ୍ଜନ ଓ ତାଙ୍କ ପରିବାର ଭାଜପାରେ ଦୀର୍ଘ ବର୍ଷରୁ ଯୋଡି ହୋଇ କାମ କରୁଥିଲେ। ତାଙ୍କ ଅକାଳ ବିୟୋଗରେ ମନ୍ତ୍ରୀ ଶୋକ ପ୍ରକାଶ କରିଥିଲେ। ପ୍ରକାଶଥାଉକି କିଡ଼ନୀ ରୋଗରେ ପୀଡିତ ହୋଇ ଭୁବନେଶ୍ୱରସ୍ଥିତ ଆପୋଲୋ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜନଙ୍କର ଶନିବାର ମୃତ୍ୟୁ ଘଟିଥିଲା।

# ଶିକ୍ଷା, ସମାଜସେବା ପ୍ରତି ଅବଦାନ ଅତୁଳନୀୟ

ସମ୍ବଲପୁର,୨୩।୬(ଭବାନୀ ଶଙ୍କର ଭୋଇ)

ସାମାଜିକ ସଙ୍ଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ପଦ୍ମସମ୍ଭବ ଭବନରେ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ଭଗବାନ ମହୋତ୍ସବ ଆୟୋଜନ କରାଯାଇଥିଲା। ଜେଲ ଛକ ନିକଟ ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁ ଭଗବାନ ସାହୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ମହୋତ୍ସବରେ ଡ ପ୍ରମୋଦ ରଥ ମୁଖ୍ୟ ଅତିଥି, ନେତ୍ରାନନ୍ଦ ପଧାନ ମୁଖ୍ୟବକ୍ତା ଭାବେ ସାମିଲ ହେଇଥିଲେ । ମୁଖ୍ୟବକ୍ତା ନେତ୍ରାନନ୍ଦ ପ୍ରଧାନ ଭଗବାନ ସାହୁଙ୍କଛୁ ଅମାୟିକ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରିଥିଲେ। ସେ କିଭଳି ନୂଆଁଖାଇକୁ ସାରା ପଶ୍ଚିମ ଓଡ଼ିଶାରେ ଗୋଟିଏ ଦିନରେ କରିବା ପାଇଁ ଦୀର୍ଘ ୪୨ ବର୍ଷ ଧରି ସଂଗ୍ରାମ ଚଳାଇଥିଲେ, ବୀର ସୁରେନ୍ଦ୍ର ସାଏଙ୍କୁ ପରିଚିତ କରାଇବା ପାଇଁ ପାଞ୍ଚଶହ ରାତି କେବଳ ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପରିବେଷଣ କରାଇଥିଲେ ସେ ବିଷୟରେ କହିଥିଲେ। ତାଙ୍କର ବ୍ୟକ୍ତିତ୍ୱକୁ କେବଳ ନାଟ୍ୟକାର, ନିର୍ଦ୍ଦେଶକ, ଶବ୍ଦନୃତ୍ୟ ଏବଂ ସମ୍ବଲପୁରୀ ନାଚର ପ୍ରଚାରକ ଭାବେ ସୀମିତ କରି ରଖାଯାଇ ପାରିବ ନାହିଁ ବୋଲି ସେ କହିଥିଲେ। ତାଙ୍କର ଶିକ୍ଷା ଏବଂ ସମାଜସେବା କ୍ଷେତ୍ରରେ ରହିଥିବା ଅବଦାନ ମଧ୍ୟ ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଡ. ରଥ କହିଥିଲେ ଗୁରୁ ଭଗବାନ ସାହୁ ଏବଂ ଗୁରୁ ସତ୍ୟନାରାୟଣ ବହିଦାର ସାରା ପଶ୍ଚିମାଞ୍ଚଳକୁ ଏକଜୁଟ କରିଥିଲେ। ଆମ ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ତାଙ୍କ ଅବଦାନ ଅନୁସାରେ ଆମେ ସେମାନଙ୍କୁ ଉଚିତ ସମ୍ମାନ ଦେଇପାରିନାହୁଁ। ତେଣୁ ସାରା ପଶ୍ଚିମାଞ୍ଚଳ ବାସୀ ପରସ୍ପରର ସୁଖଦୁଖରେ ଏକଜୁଟ ହୋଇ କାମ କରିବାକୁ ସେ ଆହ୍ୱାନ କରିଥିଲେ। ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କରିଥିବା କାମଗୁଡିକୁ ସ୍ମରଣ ରଖିବା ପାଇଁ ସଙ୍ଗଠନକୁ ଆଗକୁ ଉଚିତ ବ୍ୟବସ୍ଥା କରିବାକୁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ଡ. ସ୍ୱୟଂ ପ୍ରକାଶ ପଣ୍ଡା, ପଙ୍କଜିନୀ ମେହେର, ଝୁନୁ ତ୍ରିପାଠୀ, ସ୍ୱସ୍ତିକା ନାୟକ, ପ୍ରଜ୍ଞା ପ୍ରଧାନ, କାନ୍ତି ମେହେର, ଚିନ୍ମୟୀ କଣ୍ଟା, ଦେବାଶିଷ ବେହେରା ବକ୍ତବ୍ୟ ରଖିଥିଲେ।



ଭଗବାନ ମହୋତ୍ସବରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା।

**ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଭଗବାନ ସାହୁ ମହୋତ୍ସବରେ ବକ୍ତାଙ୍କ ମତ**

# ରାଜସ୍ୱ ମନ୍ତ୍ରୀଙ୍କ ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା

ବ୍ରଜରାଜନଗର,୨୩।୬(ବିଜୟ ବରାଡ଼)

ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ ନିଜ ବ୍ରଜରାଜନଗର ନିର୍ବାଚନମଣ୍ଡଳୀକୁ ୨୧, ୨୨, ୨୩ ତାରିଖ ୩ ଦିନ ଧରି ପରିଦର୍ଶନରେ ଆସି ପ୍ରତ୍ୟେକ ପଞ୍ଚାୟତ ପୌରାଞ୍ଚଳ ଆଦି ବୁଲି କର୍ମୀମାନଙ୍କୁ ଭେଟିଛନ୍ତି। ଏହି ସମୟ ଭିତରେ ପ୍ରତ୍ୟେକ ଶନିବାର ଓ ରବିବାର ବ୍ରଜରାଜନଗର ଆସି ଲୋକମାନଙ୍କ ସହିତ ସିଧାସଳଖ ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି। ଓରିଏଣ୍ଟ ପେପର ମିଲ କର୍ତ୍ତୃପକ୍ଷଙ୍କୁ ଡ଼ାକି ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି। ରବିବାର ତୃତୀୟ ଦିନରେ ମନ୍ତ୍ରୀ ପୂଜାରୀ ବ୍ରଜରାଜନଗର ଇଷ୍ଟ ଦେବୀ ମା' ରାମଚଣ୍ଡୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେବା ପରେ ମନ୍ତ୍ରୀ ସୁରେଶଙ୍କ ଏହା ପ୍ରଥମ ଗସ୍ତ ହୋଇଥିବାରୁ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ରୋଡ଼ ଶୋ' କରାଯାଇ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଦଳୀୟ କର୍ମୀ ଓ ନେତା ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା।

# ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭବ୍ୟ ସ୍ୱାଗତ

ସମ୍ବଲପୁର,୨୩।୬ (ଭବାନୀ ଶଙ୍କର ଭୋଇ)

ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ରାଜସ୍ୱ ମନ୍ତ୍ରୀ ହେବା ପରେ ପ୍ରଥମ ଥର ଜନ୍ମମାଟି ସମ୍ବଲପୁରକୁ ଆସିବା ପରେ ରବିବାର ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି। ଅପରାହ୍ନରେ ଝାରସୁଗୁଡାରୁ ସମ୍ବଲପୁରକୁ ଆସିବା ବାଟରେ ବୀର ସୁରେନ୍ଦର ସାଏଙ୍କ ଜନ୍ମମାଟି ଖିଣ୍ଡାରେ ବୀର ସୁରେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅପରାହ୍ନରେ ଇଷ୍ଟଦେବୀ ସମଲେଇଙ୍କ ଦର୍ଶନ ପରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ବିରାଟ ପୁଷ୍ପମାଲ୍ୟକୁ ଜେସିବି ସାହାଯ୍ୟରେ ନିଆଯାଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ୱାଗତ କରାଯାଇଥିଲା। ମାଲ୍ୟାର୍ପଣ ପରେ ଏକ ବାଇକ ଶୋଭାଯାତ୍ରାରେ ତାଙ୍କୁ ସହର ପରିକ୍ରମା କରାଯାଇଥିଲା। ଏହାପରେ ଜେଲଛକରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ବଳିଦାନ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜନସଂଘର ପ୍ରତିଷ୍ଠାତା ଡ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ରିକନ ପଟନାୟକଙ୍କ ପୌରୋହିତ୍ୟରେ ୫୦ ଜଣ ଯୁବକ ରାଜସ୍ୱ ମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ। ସରୋଜ ସାହୁ, ଅଶୋକ ମିଶ୍ର, ସତିଶ ଦୋରା, ବିକାଶ ଭୋଇ, ଶ୍ରୀକାନ୍ତ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସୋମବାର ଗଙ୍ଗାଧର ମେହେର କଲେଜରେ ୧୯୮୦ ମସିହାରେ ହୋଇଥିବା ଐତିହାସିକ ଛାତ୍ର ଆନ୍ଦୋଳନର ଶହୀଦ ମାନଙ୍କୁ ମନ୍ତ୍ରୀ ପୂଜାରୀ ଶ୍ରଦ୍ଧାଞ୍ଜଳି ଦେବା ସହ ବିଭିନ୍ନ ବିକାଶ କାର୍ଯ୍ୟର ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି।



ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବିରାଟ ପୁଷ୍ପମାଲ୍ୟ ଅର୍ପଣ ସହ ଶୋଭାଯାତ୍ରାରେ ନିଆଯାଉଛି।

### ଜଣ୍ଡିସ୍ ସଂକ୍ରମଣ ରୋକିବାକୁ ଜିଲା ପ୍ରଶାସନର ବୈଠକ

ସମ୍ବଲପୁର,୨୩।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ଜଣ୍ଡିସ୍ ସଂକ୍ରମଣ ରୋକିବା ପାଇଁ ଲାଇନ୍ ବିଭାଗ ପକ୍ଷରୁ ନିଆଯାଇଥିବା ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ରବିବାର ଓସ୍ୱାନ୍ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଣି ଓ ଫାଷ୍ଟଫୁଡ୍ ଭେଣ୍ଡିଂ ପରୀକ୍ଷା, ସ୍ୱାସ୍ଥ୍ୟ ଓ ଆଶା କର୍ମୀଙ୍କ ଦ୍ୱାରା ଘରକୁ ଘର ବୁଲି ସଚେତନତା, ଜଳ ବିଶୋଧନ, ଔଷଧର ଉପଲବ୍ଧତା ଓ ଏହାର ବଣ୍ଟନ, ରାପିଡ୍ ରେସ୍ପନ୍ସ ଷ୍ଟ୍ରାଟେଜି ଉପରେ ଆଲୋଚନା ହୋଇଥିଲା । ଜିଲାପାଳ ସମ୍ବଲପୁରର ସମସ୍ତ ଲାଇନ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଅଜମ୍ବର ମହାନ୍ତି, ସିଡିଏମ୍‌ଓ ଡାକ୍ତର ସୁଜାତା ରାଣୀ ମିଶ୍ର, ଅତିରିକ୍ତ କମିଶନର ଏସଏମସି ସରୋଜିନୀ କୁଲୁ, ଡାକ୍ତର ଜ୍ଞାନ ରଞ୍ଜନ ମୋହନ, ଡେପୁଟି କମିଶନର ଶଙ୍କର ସାହୁ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମୋବାଇଲ ଦୋକାନରୁ ଚୋରି, ୨ଗିରଫ

କୁଚିଣ୍ଡା,୨୩।୬(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀର ଏକ ମୋବାଇଲ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ରବିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଜମନକିରା ଥାନା ଚିନିମହୁଲ ଲଦୋପଡାର ସତ୍ୟପି ଭୋଇ ଓରଫ ଲିଟୁ(୨୪)ଏବଂ କତରବଗା ଥାନା ଲଇଡା ସୁନାରିପଡାର ନିଖିଳ ବେହେରା(୨୧)। ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ନାବାଳକକୁ ସମ୍ବଲପୁର ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। କୁସୁମୀ ପ୍ରିନ୍ସ ମୋବାଇଲ ଦୋକାନୀ ସତୀଶ ମହାକୁଲଙ୍କ ରିପୋର୍ଟ କ୍ରମେ ମହୁଲପାଲି ଥାନାରେ ଦଫା ୪୫୭, ୩୮୦ରେ ଏକ ମାମଲା(୯୯/୨୪)ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୮ଟି ନୂଆ ଆଣ୍ଡ୍ରଏଡ ଫୋନ, ୬ଟି ପୁରୁଣା ଆଣ୍ଡ୍ରଏଡ ଫୋନ, ୨ଟି ପାୱାର ବ୍ୟାଙ୍କ, ୨ଟି ବ୍ଲୁଟୁଥ ଇଅର ଫୋନ, ନଗଦ ୮୦ହଜାର ଟଙ୍କା, ସିସିଟିଭି କ୍ୟାମେରା ସହ କମ୍ପ୍ୟୁଟର ହାର୍ଡ ଡିସ୍କ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୩ତାରିଖ ରାତିରେ କୁସୁମୀସ୍ଥିତ ପ୍ରିନ୍ସ ମୋବାଇଲ ଦୋକାନରୁ ଦୁର୍ବୃତ୍ତ ଶର୍ଟର ତାଡି ମୋବାଇଲ, ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ୪ତାରିଖ ସକାଳେ ଦୋକାନୀ ମହାକୁଳ ଚୋରି ହୋଇଥିବା ଦେଖି ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ତଦନ୍ତ କରିବାରେ ମୁଖ୍ୟ ଅଭିଯୁକ୍ତ ଚିନିମହୁଲ ଲଦୋପଡାର ସତ୍ୟପି ଓରଫ ଲିଟୁଙ୍କ କୁସୁମୀରେ ସମ୍ପର୍କୀୟ ବନ୍ଧୁବାନ୍ଧବ ଥିବା ଜାଣିବାକୁ ପାଇଥିଲା। ଖୋଳତାଡ କରିବାରୁ ଲିଟୁଙ୍କ ଜଣେ ସମ୍ପର୍କୀୟ ନାବାଳକାଙ୍କ ସହ ଉଭୟେ ମୋବାଇଲ ଦୋକାନରୁ ଉପରୋକ୍ତ ଜବତ ଟଙ୍କା ଓ ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ପରେ ସେମାନେ ଲଇଡା ସୁନାରିପଡାର ନିଖିଳ ବେହେରାଙ୍କୁ ସ୍ୱଳ୍ପ ଏହି ଚୋରି ସାମଗ୍ରୀକୁ ବିକ୍ରୀ କରିଥିବା ଜାଣି ପୋଲିସ ଚୋର ଏବଂ ଚୋରିସାମଗ୍ରୀ କିଣିଥିବା ବ୍ୟକ୍ତିଙ୍କୁ ଗିରଫ କରିଥିଲା।

# ଭେଜିକୁଦରରେ ହାତୀ ଉପଦ୍ରବ

ଦେବଗଡ଼,୨୩।୬(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବନାଞ୍ଚଳ ନୂଆଁଡିହି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଭେଜିକୁଦର ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ରବିବାର ଭୋର ୪ଟା ସମୟରେ ୮ ଟି ହାତୀର ଏକ ଦଳ ଭେଜିକୁଦର ଗାଁ ଭିତରେ ପଶି ଉକ୍ତ ଗ୍ରାମର ଉଦୟ ମଲାର, ବାନା ମଲାର ଓ ଗଦା ମଲାରଙ୍କ ଘର ଭାଙ୍ଗି ଦେବା ସହ ବହୁ ଆସବାବପତ୍ର ନଷ୍ଟ କରିଥିଲେ। ସୂଚନା ପାଇ ବନବିଭାଗ କର୍ମଚାରୀମାନେ ଉକ୍ତ ଗ୍ରାମରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହ ମିଶି ହାତୀ ଘଉଡାଇବାକୁ ଉଦ୍ୟମ ଚଳାଇଛନ୍ତି।

# କୁଲତା ସମାଜର ବୈଠକ



କୁଲତା ସମାଜର ବୈଠକରେ ଉପସ୍ଥିତ ସଦସ୍ୟ ବୃନ୍ଦ।

ସମ୍ବଲପୁର,୨୩।୬ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କୁଲତା ସମାଜର ସାଙ୍ଗଠନିକ ବୈଠକ ରବିବାର ସମ୍ବଲପୁର ଦାନୀପାଲି ସ୍ଥିତ ରାମଚଣ୍ଡୀ ସେବା ସଦନରେ ଅନୁଷ୍ଠିତ ହୋଇଯାଇଛି। ସମାଜ ଉପସଭାପତି ଦେବତ୍ତମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ବଲପୁରୀ ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ସ୍ମୃତି ଚାରଣ କରି ତାଙ୍କୁ ସେ କୁଲତା ଜାତିର ଗୌରବ ବୋଲି ସମାଜର ସଦସ୍ୟମାନେ ଅଭିହିତ କରିଥିଲେ। ଗୁରୁ ଭଗବାନ ସାହୁ ସମ୍ବଲପୁରୀ ନାଟକ କ୍ଷେତ୍ରରେ ରଚି ଯାଇଥିବା ଇତିହାସ ସହ ସମାଜ ସଂସ୍କାର କ୍ଷେତ୍ରରେ କରିଥିବା କାର୍ଯ୍ୟଗୁଡିକୁ ସମସ୍ତେ ମନେ ରଖିବା ଆବଶ୍ୟକ ବୋଲି ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ। ଆଗାମୀ ଦିନରେ ସମାଜର ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କ ବିଷୟରେ ଯୁବପିଢୀଙ୍କୁ ଅବଗତ କରାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ସମ୍ବଲପୁର କୁଲତା ସମାଜ ପକ୍ଷରୁ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ଏବଂ ରାମଚଣ୍ଡୀ ସେବା ସଦନର ବିକାଶ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର କ୍ଷେତ୍ରରେ ସମାଜ କିଭଳି ସ୍ୱାବଲମ୍ବୀ ହୋଇପାରିବ ସେ ଦିଗରେ କାର୍ଯ୍ୟକ୍ରମ ମାନ ହାତକୁ ନେବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ସମ୍ବଲପୁର କୁଲତା ସମାଜର ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ଜଟାଭୂଷଣ ସାହୁ, ଅକ୍ଷୟ ପ୍ରଧାନ, ଦୟାନିଧି ବିଶ୍ୱାଳ, ସରୋଜ ପ୍ରଧାନ, ଅଭିରାମ ଖମାରୀ, ଦେବୀ ପ୍ରସାଦ ଭୋଇ, ଆଲୋକ ସାହୁ, ଉର୍ମିଳା ବାରିକ, ଦେବଦତ୍ତ ସାହୁ, ଲକ୍ଷ୍ମଣ ପ୍ରଧାନ, ଆନନ୍ଦ ପ୍ରଧାନ, ସମାରୁ ବାରିକ ଉପସ୍ଥିତ ଥିଲେ ।

# ସ୍ଥାନୀୟ ଶିଳ୍ପରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଅ

ସମ୍ବଲପୁର,୨୩।୬(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ସ୍ଥନୀୟ ଶିଳ୍ପାନୁଷ୍ଠାନଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ନିଯୁକ୍ତି ପାଇଁ ଦାବି କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନରେ ରବିବାର ପଶ୍ଚିମ ଓଡିଶା ଛାତ୍ର ସାମ୍ମୁଖ୍ୟ(ଡବ୍ଲ୍ୟୁଓଏସ୍ଏଫ)ର ଆବାହକ ଚୁମନ୍ କୁମାର୍ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ନିଯୁକ୍ତି ସହିତ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର ଓ ଝାରସୁଗୁଡ଼ା ଜିଲାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରୁ ୬୦ରୁ ଊର୍ଦ୍ଧ୍ୱ ଛାତ୍ରନେତା ଯୋଗ ଦେଇଥିଲେ। ଏଥିରେ ପଶ୍ଚିମ ଓଡିଶାରେ ସ୍ଥାନୀୟ ନିଯୁକ୍ତି ସୁଯୋଗର ଅଭାବକୁ ନେଇ ଛାତ୍ରମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ବୈଠକରେ ମୁଖ୍ୟତଃ ସ୍ଥାନୀୟ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ନିଯୁକ୍ତି, ଆଉଟସୋର୍ସିଂ ପଦ୍ଧତିକୁ ରଦ୍ଦ କରିବା, ସରକାରୀ କ୍ଷେତ୍ରରେ ସ୍ଥାନୀୟ ଯୁବତୀ, ଯୁବକମାନଙ୍କ ଦକ୍ଷତା ବିକାଶ, ବନ୍ଦ ଶିଳ୍ପ କାରଖାନା ଗୁଡିକର ପୁନଃ ପ୍ରତିଷ୍ଠା କରିବା, ସରକାରୀ ଓ ବେସରକାରୀ ସ୍ତରରେ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ପାଇଁ ଉପଯୁକ୍ତ ଦରମା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏହି ଅବସରରେ ଛାତ୍ର ସାମୁଖ୍ୟ ପକ୍ଷରୁ ସରକାର ବେସରକାରୀ କମ୍ପାନୀଗୁଡିକୁ ଚାକିରୀ ଆଉଟସୋର୍ସିଂ କରୁଥିବାରୁ ସ୍ଥାନୀୟ ଶ୍ରମିକ ବାହାରକୁ ଯିବାକୁ ଶ୍ରେୟସ୍କର ମଣୁଛନ୍ତି ବୋଲି ଅଭିଯୋଗ କରାଯାଇଛି। ତେଣୁ ସ୍ଥାନୀୟ ଯୁବକମାନଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ସେହିପରି ସ୍ଥାନୀୟ ରୋଜଗାର ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ଏକ ଜନ ଚିଠି ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ତଥା ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସରକାରଙ୍କ ନିକଟରେଦାବି କରିବାର ପାଇଁ ଏହି ବୈଠକ ଆୟୋଜିତ ହୋଇଥିଲା ବୋଲି ଛାତ୍ର ସାମୁଖ୍ୟ ପକ୍ଷରୁ କୁହାଯାଇଛି। ଏଥିରେ ସୁବର୍ଣ୍ଣପୁର ଜିଲାରୁ ଶ୍ରୀନିବାସ ଖମାରୀ, ସୁନ୍ଦରଗଡ଼ ଜିଲାରୁ ରୋଶନ ରାଉତରାୟ, ବରଗଡ଼ ଜିଲାରୁ ସପନ ହୋତା, କ୍ରିଷ୍ଣା ପଣ୍ଡା, ସମ୍ବଲପୁର ଜିଲାରୁ ଆର୍ଯ୍ୟାନ୍ ବହିଦାର, ହରିଶ ସାହୁ, ଝାରସୁଗୁଡ଼ା ଜିଲାରୁ ଦୀପକ୍ ରୋହିଦାସ ଓ ଆକୃଷ୍ଟ ଭୋଇ ପ୍ରମୁଖ ଯୁବ ଓ ଛାତ୍ର ନେତୃତ୍ୱମଣ୍ଡଳୀ ଯୋଗ ଦେଇଥିଲେ।



ସାମ୍ବାଦିକ ଭବନରେ ସମବେତ ପଶ୍ଚିମ ଓଡ଼ିଶା ଛାତ୍ର ସମ୍ମୁଖ୍ୟର ଛାତ୍ର ପ୍ରତିନିଧିମାନେ।

**■ ଦାବିକଲା ପଶ୍ଚିମ ଓଡ଼ିଶା ଛାତ୍ର ସାମ୍ମୁଖ୍ୟ**

**■ ଚାପ ପ୍ରୟୋଗ ପାଇଁ ଜନଚିଠି ପାଇଁ ଆହ୍ୱାନ**

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକ ଗୁରୁତର ଆହତ ହେବା ଘଟଣା

# ଜେଲ ହାଜତକୁ ଗଲେ ଗିରଫ ୫ ଶିକାରୀ

ଦେବଗଡ଼,୨୩।୬(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବନାଞ୍ଚଳ ବଳମ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବ୍ରାହ୍ମଣିମାଳ ଗ୍ରାମ ନିକଟସ୍ଥ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ଗତ ଗୁରୁବାର ବିଳମ୍ବିତ ରାତିରେ ଜନ୍ତୁ ଶିକାର ପାଇଁ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ବୁଟିଆଡିହି ଗ୍ରାମର ଜଣେ ଯୁବକ ଗୁରୁତର ଆହତ ହେବା ଘଟଣାରେ ବନ ବିଭାଗ ଶନିବାର ଗିରଫ ୫ଜଣଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ବ୍ରାହ୍ମଣୀମାଳ ଗ୍ରାମର ଧନେଶ୍ୱର ମହାକୁଳ, ଜୁଲାଇ ସିଂ ଗୁନ୍ଧୁଆ, ବାପୁନ ସିଂ ଗୁନ୍ଧୁଆ, ସାଧୁ ଚରଣ ବଦ୍ରା, ସୁରେନ୍ଦ୍ର ବଦ୍ରା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଗତ ଗୁରୁବାର ରାତ୍ରି ପ୍ରାୟ ୨ଟାରେ ବୁଟିଆଡିହୀ ଗ୍ରାମର ଉପେନ୍ଦ୍ର ରାଜହଂସ ଏକ ଶଗଡ ଗାଡିସହ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ ରାସ୍ତାଦେଇ ଯାଉଥିବା ବେଳେ ଜନ୍ତୁ ଶିକାର ପାଇଁ ଶିକାରୀଙ୍କ ଦ୍ୱାରା ବିଛାଯାଇଥିବା ବିଦ୍ୟୁତ୍ ତାରସଂସ୍ପର୍ଶରେ ତାଙ୍କର ହାତ ଏବଂ ଗୋଡ ସମେତ ଶରୀରର ବିଭିନ୍ନ ଅଂଶ ପୋଡିଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ସାଙ୍ଗରେ ଥିବା ସହିତ ଥିବା କେତେକ ସହଯୋଗୀ ତାଙ୍କୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବନ ବିଭାଗ ଏ ନେଇ ଏକ ମାମଲା ରୁଜୁ କରିବା ସହ ଏହି ଘଟଣାରେ ଶନିବାର ବ୍ରାହ୍ମଣୀମାଳ ଗ୍ରାମର ଧନେଶ୍ୱର, ଜୁଲାଇ, ବାପୁନ, ସାଧୁ, ସୁରେନ୍ଦ୍ରଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ପ୍ରାୟ ୮ କିଲୋଗ୍ରାମ ଓଜନର ଜିଆଇ ତାର ଏବଂ ଜନ୍ତୁ ଶିକାର ପାଇଁ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା।



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍ଥାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

## ସଂକ୍ଷେପରେ

### ଚହଲାରେ ବୁଡ଼ି ମହିଳା ମୃତ

ବଡ଼ଗାଁ,୨୩।୬(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ରୁନଗା ନିକଟ ଦେମୁଲପଡା ଗ୍ରାମର ଜଣେ ମହିଳା ଚହଲାରେ ଗାଧୋଉଥିବାବେଳେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଜ୍ୟୋସ୍ନା କାଲୋ(୩୫)। ତାଙ୍କର ୧୨ ବର୍ଷର ଝିଅ ୩ଟି ପୁଅ ଅଛି। ସୂଚନାଯୋଗ୍ୟ, ରବିବାର ଜ୍ୟୋସ୍ନା ଚହଲାକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ଗ୍ରାମବାସୀ ମୃତଦେହ ଉଦ୍ଧାର କରିଥିଲେ।

### ରୁନଗାରେ ଅବାଧ ମଦ ବିକ୍ରିକୁ ନେଇ ଅସନ୍ତୋଷ

ବଡ଼ଗାଁ,୨୩।୬(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରୁନଗା ଗ୍ରାମରେ ଅବାଧ ମଦ ବିକ୍ରିକୁ ନେଇ ଅସନ୍ତୋଷ ଦେଖାଦେଇଛି। ରୁନଗାରେ ଜଣେ ଓ ଦେମୁଲପଡାରେ ୨ ଜଣ ବ୍ୟକ୍ତି ଘରେ ଦେଶୀ ମଦ ବିକ୍ରି କରୁଥିବା ଗ୍ରାମବାସୀଙ୍କଠାରୁ ଜଣାପଡିଛି। ସୂଚନାଯୋଗ୍ୟ, ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ପୋଲିସ ଓ ଅବକାରୀଠାରେ ଦାବି କରିଥିଲେ। ଏଥିସହ ବିକ୍ରେତାଙ୍କୁ ମଦ ବିକ୍ରି ବନ୍ଦ କରିବାକୁ କହିଥିଲେ ମଧ୍ୟ କିଛି ସୁଫଳ ହେଉ ନାହିଁ।

### ହାଇୱା ଧକ୍କାରେ ଗୁରୁତର ନାବାଳିକାଙ୍କ ମୃତ୍ୟୁ

ଲହୁଣୀପଡା ,୨୩।୬ (ଦାଶରଥି ପଣ୍ଡା)

ଲହୁଣୀପଡ଼ା ଥାନା ଅନ୍ତର୍ଗତ ଲହଙ୍ଗାପଡା ୫୨୦ ନମ୍ବର ଜାତୀୟ ରାଜପଥର ବାଇପାସ ନିକଟରେ ଶନିବାର ହାଇୱା ଧକ୍କାରେ ଗୁରୁତର ହୋଇଥିବା ନାବାଳିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ବିଦୁସ୍ମିତା ମଲିକ(୮)। ସୂଚନାଯୋଗ୍ୟ, ବଟକୃଷ୍ଣ ମଲ୍ଲିକ ଏକ ସ୍କୁଟିରେ ନାତୁଣୀ ବିଦୁସ୍ମିତାଙ୍କୁ ସୁଖାବନ୍ଧ ଗ୍ରାମରୁ ଲହୁଣୀପଡାକୁ ଟିଉସନ ଛାଡିବାକୁ ଯାଉଥିଲେ। ସେହି ସମୟରେ ଲହୁଣୀପଡା ପଟକୁ ଆସୁଥିବା ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ନାତୁଣୀ ବିଦୁସ୍ମିତା ତଳେ ପଡିଯିବାରୁ ହାଇୱା ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଜୟ ପ୍ରକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ସାମଲଙ୍କ ପରଲୋକ

ନୂଆଗାଁ,୨୩।୬(ବିଜୟ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ହେମଗିରି ବ୍ଲକରେ ଶିକ୍ଷକତା ଜୀବନ ଆରମ୍ଭ କରି ନୂଆଗାଁରେ ୨୦୧୪ରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଅନନ୍ତ ଚରଣ ସାମଲ(୭୦)ଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ସେ ନିଜ ଚାକିରୀ ଜୀବନରେ ସମାଜ ସେବାକୁ ମଧ୍ୟ ଭୁଲି ନ ଥିଲେ। ଜଣେ ମିଷ୍ଟଭାଷୀ, ପରୋପକରି ଓ ମେଳାପି ଶିକ୍ଷକ ଭାବେ ସେ ନୂଆଗାଁ ଅଞ୍ଚଳରେ ଜଣା ଶୁଣା ଥିଲେ। କେବଳ ଏତିକି ନୁହେଁ ସେ ନୂଆଗାଁ ସରସ୍ୱତୀ ଶିଶୁମନ୍ଦିରର ପ୍ରତିଷ୍ଠାତା ମଧ୍ୟ ଥିଲେ। ତାଙ୍କ ବିୟୋଗରେ ନୂଆଗାଁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ନୂଆଗାଁ ବ୍ଲକ ଶିକ୍ଷକ ଦିଲୀପ ସାହୁ, ଅଶୋକ ସିଂ, ମଧୁ କୋରିଆଲି, ଶଙ୍କରର୍ଷଣ ନାଏକ, ଅଭିଳାଷ ସେଠି, ସୁଦାମ ସାହୁ, ନୂଆଗାଁ ସରପଞ୍ଚ ମାଇକେଲ ମିଞ୍ଜ ଏବଂ ତାଙ୍କର ଅନେକ ସହକର୍ମୀ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ବେଦବ୍ୟାସରେ ତାଙ୍କ ଅନ୍ତେଷ୍ଟିକ୍ରିୟା କରାଯାଇଥିଲା। ତାଙ୍କ ବଡ ପୁଅ ସତ୍ୟଜିତ ସାମଲ ମୁଖାଗ୍ନି ଦେଇଥିଲେ।

### ଭଜନ ପରିବେଷଣ

ରାଉରକେଲା,୨୩।୬(ଦିନେଶ ମିଶ୍ର)

କୋଏଲନଗର ଏ ବ୍ଲକ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମ୍ୟୁଜିକ ସର୍କଲ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କଳାକାରମାନଙ୍କ ମଧ୍ୟରେ ଦେବରଞ୍ଜନ ସାମଲ, ତନୁଶ୍ରୀ ନାୟକ, ସଞ୍ଜୁ ଜେନା, ଦୁଃଶାସନ ସାହୁ ଓ ଗୁରୁଶ୍ରୀ ବାବାଜୀ ଚରଣ ସାମଲଙ୍କ ଭଜନ ପରିବେଷଣ ପରିବେଶକୁ ଭାବମୟ କରିଥିଲା। ବ୍ୟାଦ୍ୟଯନ୍ତ୍ରରେ ବିଭୂତି ପତି, ବିବେକାନନ୍ଦ ପଣ୍ଡା, ଅରବିନ୍ଦ ସାହୁ ଓ ଗୌରାଙ୍ଗ ମଲ୍ଲିକ ସହଯୋଗ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଇଞ୍ଜିନିୟର ଅଭୟ କୁମାର ଦାସ କଳାକାରମାନଙ୍କ ସହ ମନ୍ଦିର ପ୍ରଶାସନ ଟ୍ରଷ୍ଟି, ସେବାୟତ ଓ ଭକ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ୟାମା ପ୍ରସାଦଙ୍କ ବଳିଦାନ ପ୍ରେରଣାର ଉତ୍ସ




ସୁନ୍ଦରଗଡ ଭାଜପା ଜିଲା କାର୍ଯ୍ୟାଳୟରେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ,୨୩।୬
(ଜୟ ନାରାୟଣ ମେଣ୍ଟୁଳି)

ଭାଜପା ସୁନ୍ଦରଗଡ଼ ସାଂଗଠନିକ ଜିଲା ପକ୍ଷରୁ ଜିଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଭାଜପା କାର୍ଯ୍ୟାଳୟ ଭୋଜପୁରଠାରେ ଭାରତୀୟ ଜନ ସଂଘର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ପୂର୍ବତନ ବିଧାୟିକା ତଥା ରାଜ୍ୟ ଉପ ସଭାନେତ୍ରୀ କୁସୁମ ଟେଟେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିଭାବେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରସିଂହ ମିଞ୍ଜ, ପଶ୍ଚିମ ଓଡ଼ିଶା ପ୍ରାନ୍ତ ସ୍ୱଚ୍ଛ ଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ନଗର ମଣ୍ଡଳ ସଭାପତି ମନୋଜ ପୁରୋହିତ ପ୍ରମୁଖ ସାମିଲ ହୋଇଥିଲେ। ଶ୍ୟାମା ପ୍ରସାଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ତାଙ୍କର ତ୍ୟାଗ, ତପସ୍ୟା ନିଷ୍ଠାକୁ ସମସ୍ତ କାର୍ଯ୍ୟକର୍ତ୍ତା ପ୍ରେରଣା ରୂପେ ଗ୍ରହଣ କରି ସମାଜର ଗରିବ ନିରାଶ୍ରୟ ଓ ଅବହେଳିତ ଲୋକଙ୍କ ସେବା କରିବାରେ ସର୍ବଦା ବ୍ରତୀ ରହିବେ ବୋଲି କାର୍ଯ୍ୟକର୍ତ୍ତାଙ୍କୁ ଅତିଥି ପରାମର୍ଶ ଦେଇଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ତିରୋଧାନ ଦିବସ ଜୁନ ୨୩ରୁ ଜନ୍ମ ଜୟନ୍ତୀ ଜୁଲାଇ ୬ ପର୍ଯ୍ୟନ୍ତ ବୃକ୍ଷ ରୋପଣ ଓ ସ୍ୱଚ୍ଛ ଭାରତ ଅଭିଯାନ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଜୁଲାଇ ୨୫କୁ କଳା ଦିବସଭାବେ ସମସ୍ତ ମଣ୍ଡଳ ଓ ଶକ୍ତିକେନ୍ଦ୍ର ସ୍ତରରେ ପାଳନ କରିବା ପାଇଁ ମୁଖ୍ୟ ଅତିଥି ଟେଟେ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମା'ପାଇଁ ଗଛ ଟିଏ ଲଗାଇବା ପାଇଁ ଜିଲାର ସମସ୍ତ ମଣ୍ଡଳ ଓ ଶକ୍ତି କେନ୍ଦ୍ର ସ୍ତରରେ ପାଳନ କରାଯାଉଛି। ଏହି ଅବସରରେ ଜିଲା ଭାଜପା କାର୍ଯ୍ୟାଳୟ ଭୋଜପୁରଠାରେ ମୁଖ୍ୟ ଅତିଥି ଟେଟେ ଜିଲା ନେତୃବୃନ୍ଦଙ୍କ ସହିତ ତାଙ୍କ ମା' ଙ୍କ ନାମରେ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଅମୀୟ ପଟ୍ଟନାୟକ, କାଉନସିଲର ଦୀପଞ୍ଜଳି ନନ୍ଦ, ମିନତୀ ପୁରୋହିତ, ଜୁନାସ ଲୁଗୁନ, ମନୋଜ ପୁରୋହିତ, କାନନବାଲା ବେହେରା, ଶ୍ରୀକାନ୍ତ ଭଞ୍ଜଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସୁନ୍ଦରଗଡ଼ ସାଂଗଠନିକ ଜିଲାର କିରେଇ ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ସୁଦାମ ହୋତା, ବିଲେଇମୁଣ୍ଡା ମଣ୍ଡଳର ମଣ୍ଡଳ ସଭାପତି ମାଧବ ବାରିକ, କୁତ୍ରା ମଣ୍ଡଳର ମଣ୍ଡଳ ସଭାପତି ଦୀପକ ମହନ୍ଦିଆ, ବିରକେରା ମଣ୍ଡଳର ମଣ୍ଡଳ ସଭାପତି ସନ୍ତୋଷ ତିର୍କି, ଜାମପାଲି ମଣ୍ଡଳର ମଣ୍ଡଳ ସଭାପତି ବିତନା ମାଝି ସମେତ ତଳସରା, ସୁନ୍ଦରଗଡ ଏବଂ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ସମସ୍ତ ୨୨ଟି ମଣ୍ଡଳରେ ବଳିଦାନ ଦିବସ ପାଳିତ ହୋଇଯାଇଛି।

# ସନ୍ତୋଷ ଅଗ୍ରୱାଲ ହେଲେ ଅଧ୍ୟକ୍ଷ



ରାଉରକେଲା,୨୩।୬(ସଙ୍ଗୀତା ଜେନା)

### ରାଜସ୍ଥାନ ପରିଷଦର ବାର୍ଷିକ ନିର୍ବାଚନ ଶେଷ

ସାମାଜିକ ସଂଗଠନ ରାଜସ୍ଥାନ ପରିଷଦର ବାର୍ଷିକ ନିର୍ବାଚନ ରବିବାର ରାଉରକେଲା ଅମରଭବନରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ରାଧେଶ୍ୟାମ ଅଗ୍ରୱାଲ, ରାଜେଶ ମୋହନ ବାଗଡ଼ି, ରାଜେନ୍ଦ୍ର ଖେମାନୀ, ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ପାରିଖ ନିର୍ବାଚନ ପରିଚାଳନା କରିଥିଲେ। ପରିଷଦର ୪୫୨ ଜଣ ସଦସ୍ୟ ମତଦାନ କରିଥିଲେ। ସଂରକ୍ଷକ ସମିତି ସଭ୍ୟଭାବେ ସତୀଶ ଅଜମେରା ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ଅଧ୍ୟକ୍ଷ ଭାବେ ସନ୍ତୋଷ ଅଗ୍ରୱାଲ ନିକଟତମ ପ୍ରତିଦ୍ୱନ୍ଦୀ ଯୁଗଳ କିଶୋର ମାରୋଠିଆ ଓ ଜଗଦୀଶ ପ୍ରସାଦ ହରିତଙ୍କୁ ପରାସ୍ତ କରିଥିଲେ। ଉପାଧ୍ୟକ୍ଷ ପଦରେ ବରୁଣ ସୋମାନୀ, ବିକ୍ରମ ଭୋଡ୍ରା ନିର୍ବାଚିତ ହେବା ସହ ସମ୍ପାଦକ ନରେଶ ଖୈତାନ ବିଜୟୀ ହୋଇଥିଲେ। ଯୁଗ୍ମ ସମ୍ପାଦକ ମନୀଷ ମୋଦୀ, କୋଷାଧ୍ୟକ୍ଷ ଭାବେ ନଟୱର ଲାଲ ବାଗାଡିଆ, ଯୁଗ୍ମ କୋଷାଧ୍ୟକ୍ଷ ମନୋଜ ଅଗ୍ରୱାଲ ପ୍ରମୁଖ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ୧୫ ଜଣ ସଦସ୍ୟ ଅଶୋକ ଅଗ୍ରୱାଲ, ଅମିତ ବାଙ୍କା, ଅଙ୍କିତ ଅଗ୍ରୱାଲ, ଆଶିଷ ପୋଦ୍ଦାର, ବିଶ୍ୱନାଥ ମୋଦୀ, ଦିଲ୍ଲୀପ ଶର୍ମା, ଗୋବିନ୍ଦ ଅଗ୍ରୱା, ହେମନ୍ତ ମଲାନୀ, କହ୍ନେଲାଲ ଧବଲିଆ, ମନନ ଅଗ୍ରୱାଲ, ମୋହିତ ମାହେଶ୍ୱରୀ, ପୱନ ଖେମାନୀ, ରବି, ବାଗାଡିଆ, ସଞ୍ଜୟ ଶିଖୱାଲ, ସୁରେଶ ଖୈତାନ ପ୍ରମୁଖ ବିଜୟୀ ହୋଇଥିଲେ।

# ଆଦର୍ଶ ପାଠାଗାରରେ ମାସିକ ସାହିତ୍ୟ ଆସର

ରାଉରକେଲା,୨୩।୬
(ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ଆଦର୍ଶ ପାଠାଗାର ପରିସରରେ ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ଅଧ୍ୟକ୍ଷତାରେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ଉପସଭାପତି ଡ. ସନାତନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା ସଭାରେ ଇଞ୍ଜିନିୟର ଅଭୟ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ରଜ ପର୍ବର ବୈଜ୍ଞାନିକ, ସାଂସ୍କୃତିକ ଓ ସାମାଜିକ ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନୃସିଂହ ଚରଣ ବିଶ୍ୱାଳ ଗଳ୍ପ ପାଠ କରିଥିଲେ। ସଭାର ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଚ୍ଚନା ମହାନ୍ତି ଓ ଗୌତମ ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ରବିନ୍ଦ୍ର ନାଥ ମହାନ୍ତି, ଉପେନ୍ଦ୍ର କୁମାର ବସ୍ତିଆ, ଆଶୁତୋଷ ଜ୍ୟୋତିଷୀ, ସୁଶାନ୍ତ ନାୟକ, ତ୍ରିଲୋଚନ ସ୍ୱାଇଁ, ପରେଶ କୁମାର ବିଶ୍ୱାଳ,ଡ. ପ୍ରତାପ କୁମାର ସ୍ୱାଇଁ, ଗୌତମ ଦାସ ପ୍ରମୁଖ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସଭାପତି ଶତପଥୀ ଏହି ଆସରର ଆଭିମୁଖ୍ୟ ଓ ସଂଯୋଜକ ପ୍ରଧାନ ଅତିଥିଙ୍କ ପରିଚୟ ସହ ଆଲୋଚ୍ୟ ବିଷୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ସଞ୍ଜୟ ମହାନ୍ତି, ଜୟଶ୍ରୀ ଦାଶ, ପଞ୍ଚାନନ ପାତ୍ର, ଦୀନବନ୍ଧୁ ମୁଦୁଲି, କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଧା ଗୋବିନ୍ଦ ମନ୍ଦିରର ବାର୍ଷିକୋତ୍ସବ

କୁଆଁରମୁଣ୍ଡା,୨୩।୬
(ମହେନ୍ଦ୍ର କୁମାର ସାହୁ)



ରାଉରକେଲା ବିଧାୟକ ସାରଦା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁଆଁରମୁଣ୍ଡା ସିଟି ସ୍କୁଲ ରୋଡରେ ଥିବା ରାଧା ଗୋବିନ୍ଦ ମନ୍ଦିରର ବାର୍ଷିକୋତ୍ସବ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ବିଧାୟକ ଭାବେ ପୁନର୍ବାର ସାରଦା ନାୟକ ନିର୍ବାଚିତ ହୋଇଥିବାରୁ ତାଙ୍କୁ ମନ୍ଦିର କମିଟି ପକ୍ଷରୁ ଫୁଲତୋଡ଼ା ଓ ଉପଢ଼ୌକନ ଦିଆଯାଇ ଭବ୍ୟ ସ୍ୱାଗତ କରାଯାଇଛି। ମନ୍ଦିର ସଂସ୍ଥାପକ ଶୀତଳ ପ୍ରସାଦ ଦାସ, ମନ୍ଦିର କମିଟି ସଭାପତି ଦେବବ୍ରତ ଦାସ, ଶୈଳେଶ ତିୱାରୀ ପ୍ରମୁଖଙ୍କ ସହ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶିବନାରାୟଣ ସାହୁ, ମହେଶ୍ୱର ମିଶ୍ର, ଗଙ୍ଗାଧର ରଣା, ଉଦୟ ପାତ୍ର, ରବୀନ୍ଦ୍ର ସାହୁ, ସୀତାକାନ୍ତ ସାହୁ, ସୁରେନ୍ଦ୍ର ମିଶ୍ର, ରତ୍ନାକର ବିଶାଳ ପ୍ରମୁଖ ବିଧାୟକ ନାୟକ ଓ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,ସରପଞ୍ଚ ରାଜେଶ ହାସଦା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ଦିନ ତମାମ ରାଧା ଗୋବିନ୍ଦଙ୍କ ପୁଷ୍ପାଭିଷେକ ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଦିବସ ପାଳିତ

ରାଉରକେଲା,୨୩।୬(ବିପ୍ଲବ ରଞ୍ଜନ ଦାଶ)

ଭାରତୀୟ ଜନସଂଘ କର୍ଣ୍ଣଧାର ତଥା ପ୍ରତିଷ୍ଠାତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟ ତିଥିକୁ ସ୍ମୃତି ଦିବସ ଭାବେ ରବିବାର ପାଳନ କରିଛି ଭାଜପା। ଏହି ଅବସରରେ ରବିବାର ଭାଜପା ଜିଲା କାର୍ଯ୍ୟାଳୟରେ ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତୀଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାଜପାର ବରିଷ୍ଠ ସଦସ୍ୟ ତଥା ଜିଲା ମୁଖପାତ୍ର ଗଙ୍ଗାଧର ଦାଶ କହିଥିଲେ,ଡାକ୍ତର ମୁଖାର୍ଜୀ ଜଣେ ରାଷ୍ଟ୍ରବାଦୀ,ସ୍ୱଷ୍ଟ ରାଜନୈତଜ୍ଞ,ବିଶିଷ୍ଟ ଶିକ୍ଷାବିତ,ଯୋଗ ଜନ୍ମା। ଯାହାଙ୍କ ଜନ୍ମ ଠାରୁ ଆରମ୍ଭ କରି ଶେଷ ମୁହୁର୍ତ୍ତ ପର୍ଯ୍ୟନ୍ତ ଦେଶରେ ବୈପ୍ଳବିକ ଓ କ୍ରାନ୍ତୀକାରୀ ପରିବର୍ତ୍ତନ ଆଣିବାରେ ବ୍ରତୀ ରହିଥିଲେ। ଜାମ୍ମୁ କାଶ୍ମୀର ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନକୁ ବିରୋଧ କରିଥିଲେ। ଏନେଇ ସେ ଗିରଫ ହୋଇଥିଲେ ଓ ଜାମ୍ମୁକାଶ୍ମୀର ଜେଲରେ ଡକ୍ଟର ମୁଖାର୍ଜୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିଲା। ଯାହା କଳ୍ପିତ ଯଡଯନ୍ତ୍ର ଥିଲା ବୋଲି ପ୍ରଚାର ହୋଇଥିଲା। ତେବେ ବହୁ ବର୍ଷପରେ ମୁଖାର୍ଜୀଙ୍କ ସ୍ୱପ୍ନକୁ ସାକାର କରି ୩୭୦ ଅନୁଚ୍ଛେଦ ଜାମ୍ମୁକାଶ୍ମୀରରୁ ହଟିଥିଲା ବୋଲି ସେ କହିଥିଲେ। ଡକ୍ଟର ମୁଖାର୍ଜୀଙ୍କ ବିଚାରଧାରା ଅନୁସରଣ କରି ରାଷ୍ଟ୍ରବାଦ ନିତୀଅନୁସାରେ କାମ କରିବାକୁ ସମସ୍ତଙ୍କୁ ଶପଥ ନେବାକୁ ଆହ୍ୱାନ କରିଥିଲେ। ପରେ ସମସ୍ତେ ଶପଥ ପାଠ କରି ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାନେତ୍ରୀଙ୍କ ସମେତ ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ଜିଲା ଉପସଭାପତି ଅମରେନ୍ଦ୍ର ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ, ମଳୟ ମହାପାତ୍ର, ଶଶାଙ୍କ ଜେନା, ଜିଲା ସଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ ସମେତ ବହୁସଂଖ୍ୟକ ଭାଜପା ନେତା, କର୍ମୀ ଓ ସମର୍ଥକମାନେ ଉପସ୍ଥିତ ଥିଲେ।



ସ୍ମୃତୀଚାରଣ ଦିବସରେ ସମ୍ମିଳିତ ଭାଜପା ନେତା,କର୍ମୀ ଓ ସମର୍ଥକ।

# ରେଲୱେ କର୍ମଚାରୀଙ୍କୁ ଅପହରଣ କରି ଲୁଟ ଅଭିଯୋଗ

ରାଉରକେଲା,୨୩।୬,(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ଥାନା କଳିଙ୍ଗବିହାର ଅଞ୍ଚଳରେ ବାସ କରୁଥିବା ଜଣେ ରେଲୱେ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଶନିବାର ଏକ କାରରେ ଅପହରଣ କରି ନେଇଥିଲେ। ପରେ ତାଙ୍କଠାରୁ ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ। ଏନେଇ ଛେଣ୍ଡ ଥାନାରେ (ନଂ.୧୩୨।୨୪)ରେ ମାମଲା ରୁଜୁ ହୋଇଛି। ପୋଲିସ କହିବା ଅନୁଯାୟୀ, ଛେଣ୍ଡ କଳିଙ୍ଗବିହାର ଘର ନମ୍ବର ଏସ୍-୩ଏଲ-୨/୩୦ରେ ନିହାର ସରକାର(୫୫) ପରିବାର ସହ ବାସ କରନ୍ତି। ନିହାର ଦକ୍ଷିଣ-ପୂର୍ବ ରେଲୱେ ରାଉରକେଲା ରେଳ ଡିଭିଜନରେ ଲୋକପାଇଲଟ୍ ଭାବେ କାର୍ଯ୍ୟ କରନ୍ତି। ଶନିବାର ରାତିରେ ସେ ଘର ପାଖରେ ନାଇଟ୍ ୱାକ୍ କରୁଥିବାବେଳେ ୩ ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ମାଡମାରି ଅପହରଣ କରି ନେଇ ଯାଇଥିଲେ। ପରେ ନିହାରଙ୍କୁ କାର ଭିତରେ ଦୁର୍ବୃତ୍ତମାନେ ନିସ୍ତୁକ ମାଡ ମାରିବା ସହ ବାଲୁଘାଟ ବାଇପାସ୍ ରୋଡ ଅଞ୍ଚଳକୁ ନେଇ ତାଙ୍କ ପେଟିଏମରୁ ୯୯ ହଜାର ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଏଥିସହ ସେ ପିନ୍ଧିଥିବା ସୁନାଚେନ୍, ହାତଘଣ୍ଟା ଓ ସିମ ନେଇ ଫେରାର ହୋଇଯାଇଥିଲେ। ଏନେଇ ଛେଣ୍ଡ ଥାନା ଅଧିକାରୀ ରଞ୍ଜନ ନାୟକଙ୍କୁ ପଚାରିବାରୁ, ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ ହୋଇଛି। ଦୁର୍ବୃତ୍ତ କେଉଁ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିଛନ୍ତି ତାହାର ଷ୍ଟେଟମେଣ୍ଟ ଆସିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କୁ କାବୁ କରାଯିବ ବୋଲି ସେ କହିଥିଲେ।

# ରାଜଗାଙ୍ଗପୁରରେ ଶ୍ୟାମା ପ୍ରସାଦଙ୍କ ପୁଣ୍ୟ ତିଥି



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ଓ ଅନ୍ୟମାନେ।

ରାଜଗାଙ୍ଗପୁର,୨୩।୬(ଅଶୋକ ପାଣି)

ରାଜଗାଙ୍ଗପୁର ଭାଜପା ମଣ୍ଡଳ ସଭାପତି ରାଜନ ସୋନିଙ୍କ ନେତୃତ୍ୱରେ ସ୍ଥାନୀୟ ଡାକବଙ୍ଗଳାରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୧ତମ ପୂର୍ଣ୍ଣ୍ୟ ତିଥି ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ମହେନ୍ଦ୍ର ମାଝି, ମହିଳାସଂଘ ସଭାପତି ସୁଭଦ୍ରା ରାଉତ, ଏସଟି ମୋର୍ଚ୍ଚା ସଭାପତି ସଙ୍ଗୀତା ଧୂମା ଯୋଗଦେଇ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ଭାଜପାର ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ଥିଲେ।

# ଲହୁଣୀପଡ଼ାରେ ଶ୍ୟାମା ପ୍ରସାଦଙ୍କ ବଳିଦାନ ଦିବସ



ସ୍ମୃତିସଭାରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା।

ଲହୁଣୀପଡ଼ା,୨୩।୬ (ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟଠାରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ନେତୃବୃନ୍ଦ ଉପସ୍ଥିତ ରହି ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। । ଏହି ଅବସରରେ ଜିଲା ନେତୃ ମଣ୍ଡଳୀ ଶ୍ୟାମା ପ୍ରସାଦଙ୍କ ସ୍ମୃତି ଚାରଣ କରି କହିଥିଲେ, ଶ୍ୟାମା ପ୍ରସାଦ ଜମ୍ମୁ କାଶ୍ମୀରର ବାସ୍ତବ ସମସ୍ୟା ଭଲଭାବେ ହୃଦୟଙ୍ଗମ କରିବା ସହ ତାହାର ସମାଧାନ ଦିଗରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ସେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଏବଂ କଂଗ୍ରେସର ବିଦେଶୀ ବିଚାର ଧାରା ଓ ତତ୍ତ୍ୱକୁ ଦୃଢ଼ ବିରୋଧ ପାଇଁ ସ୍ୱର ଉତ୍ତୋଳନ କରି ତତ୍କାଳୀନ କଂଗ୍ରେସ ସରକାରଙ୍କ ରୋଷର ଶିକାର ହୋଇଥିଲେ। ନେହେରୁଙ୍କ ସରକାରରେ ଭାରତର ପ୍ରଥମ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇ ଜନ ସଂଘର ପ୍ରତିଷ୍ଠା କରି ପରବର୍ତ୍ତୀ କାଳରେ ଭାରତ ଓ ଭାରତୀୟତାର ରାଜନୈତିକ ଓ ସାମାଜିକ ଆଦର୍ଶ ଗଢ଼ି ତୋଳିବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ବଣାଇଁ ଜିଲା ସଭାପତି ମନୋଜ ପ୍ରଧାନ, ଜିଲା ସଧାରଣ ସମ୍ପାଦକ ଲୁଥାର ଓରାମ, ଜିଲା ଉପ ସଭାପତି ବାସୁଦେବ ସାହୁ, ଉପେନ୍ଦ୍ର ବେହେରା, ଲହୁଣୀପଡା ମଣ୍ଡଳ ସଭାପତି ନମିତା ମାହାନ୍ତ ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମରେ ରଜାମୁଣ୍ଡା ଗୁଡ଼ିଆଳୀ ବୁଥ ସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି କେ. ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ଠାରେ ଭାରତୀୟ ଜନତା ପାର୍ଟି କେ.ବଲାଙ୍ଗ ମଣ୍ଡଳ ପକ୍ଷରୁ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ମହେଶ ଶାହା, ମଣ୍ଡଳ ସଭାପତି ମାଦି ଓରାମ , ବରିଷ୍ଠ କାର୍ଯ୍ୟକର୍ତ୍ତା ହେମେନ୍ଦ୍ର ମାହାନ୍ତ ବିମଳ ବୋଦ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ମହିଳା କଲେଜରେ ଯୋଗ ଦିବସ



ଛାତ୍ରୀମାନେ ଯୋଗ କରୁଛନ୍ତି।

ସୁନ୍ଦରଗଡ,୨୨।୬(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ସୁନ୍ଦରଗଡ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ସଂସ୍ଥା ଏବଂ ଜାତୀୟ ଆୟୁଷ ମିଶନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା ସଂଯୋଜକଙ୍କ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଇନ୍ଦିରା ଗଡନାୟକ ସଭାପତିତ୍ୱ କରି ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଆୟୁଷ ଚିକିତ୍ସାଳୟ ଅଧିକାରୀ ଡା. ଅନନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ଶିଶୁବିଭାଗର ଡାକ୍ତର ଶୁଭକାନ୍ତ ପଟେଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷିକା ଇନ୍ଦିରା ନାଏକ ଯୋଗ ଏବଂ ପ୍ରାଣାୟାମ ସମ୍ବନ୍ଧରେ ଜ୍ଞାନ ଏବଂ ବିଭିନ୍ନ ଆସନକୁ ସୁଚାରୁରୂପେ କରି ଅଧାପିକା ଅଧାପକ ଏବଂ ଛାତ୍ରୀଙ୍କୁ ଅଭ୍ୟାସ କରାଇଥିଲେ। ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଓଡ଼ିଆ ବକ୍ତୃତା,ଯୋଗ,ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ତଥା ଯୁବ ରେଡକ୍ରସର ସଂଯୋଜକ ଚିତ୍ତରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍ଥାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

# ଜଣେ ଶିକ୍ଷକରେ ଚାଲିଛି ଶିକ୍ଷାଦାନ


ବିଦ୍ୟାଳୟରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଶିକ୍ଷାଦାନ କରୁଛନ୍ତି।

**କର୍ଲାମୁଣ୍ଡା, ୨୩।୬(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଜଣେ ମାତ୍ର ସରକାରୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ଦାନ ଚାଲିଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟ ୧୯୮୪ରେ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ବିଦ୍ୟାଳୟରେ ନବମ ଶ୍ରେଣୀରେ ୭୯ ଛାତ୍ରୀଛାତ୍ର ଓ ଦଶମରେ ୮୬ ଛାତ୍ରୀଛାତ୍ରଙ୍କୁ ପାଠ ପଢେଇବାକୁ ଜଣେ ମାତ୍ର ସରକାରୀ ଗଣିତ ଶିକ୍ଷକ ରହିଛନ୍ତି। ଯାହା

### ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ

ଦ୍ୱାରା ୧୬୫ ଛାତ୍ରୀଛାତ୍ରଙ୍କୁ ପାଠପଢା ଅସମ୍ଭବ ହୋଇପଡିଥିବା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ କହିଛନ୍ତି। ଏହା ବ୍ୟତୀତ ବ୍ଲକ ସଦରଠାରେ ଉକ୍ତ ବିଦ୍ୟାଳୟ ରହିଥିବାରୁ ଅନେକ ସମୟରେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟଗୁଡ଼ିକ ସମ୍ପାଦନା କରିବାକୁ ପଡୁଥିବା ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ବିଦ୍ୟାଳୟର ଶିକ୍ଷକ ନୃସିଂହ ସାମନ୍ତ ୨୦୧୮ରେ, ୨୦୨୦ରେ ବିଜ୍ଞାନ ଶିକ୍ଷକପବିତ୍ର ମୋହନ ପଶା ଓ ପିଅନ ପ୍ରେମାନନ୍ଦ ଭୋଇ, ୨୦୨୨ରେ ହିନ୍ଦୀ ଶିକ୍ଷକ ବସନ୍ତ ପଟ୍ଟନାୟକ, ସଂସ୍କୃତ ଶିକ୍ଷକ ପ୍ରଦୀପ୍ତ ଷଡଙ୍ଗୀ, ଖେଳ ଶିକ୍ଷକ ବେଣୁଧର ନାଗ, ୨୦୨୩ରେ ସହକାରୀ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ, ୨୦୨୪ରେ କିରାଣୀ ଅମ୍ବିଲାଲ ସାହୁ ଅବସର ନେବା ପରେ କେବଳ ଜଣେ ମାତ୍ର ଗଣିତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ରହିଛନ୍ତି। ପୂର୍ବରୁ ଏହି ବିଦ୍ୟାଳୟରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ ପାଇଁ ନାମ ଲେଖାଉଥିଲେ। ବର୍ତ୍ତମାନ ଶିକ୍ଷକ ସମସ୍ୟା ଥିବାରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନନ୍ଦି କିଶୋର ଭୋଇ କହିଛନ୍ତି। ଏଣୁ ଏଦିଗରେ ଜିଲା ଶିକ୍ଷା ବିଭାଗ ଓ କଳାହାଣ୍ଡି ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସେମାନେ ଯାହା କହନ୍ତି...


“ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଁ ଆମେ ପରିଚାଳନା କମିଟି ପକ୍ଷରୁ ପୂର୍ବତନ ଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ, ଶିକ୍ଷା ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ ଅନେକ ଥର ଲିଖିତ ଭାବେ ଜଣାଇଛୁ। ମାତ୍ର ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ନ ଦେବା ଦୁର୍ଭାଗ୍ୟର ବିଷୟ।

**-ନନ୍ଦି କିଶୋର ଭୋଇ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ।**


“ଏହି ବିଦ୍ୟାଳୟରେ ମୁଁ ଜଣେ ମାତ୍ର ଶିକ୍ଷକ ଥିବାରୁ ୧୬୫ ଛାତ୍ରୀଛାତ୍ରଙ୍କୁ ସବୁ ବିଷୟ ପଢାଇବା ସମ୍ଭବପର ହେଉନାହିଁ। ଫଳରେ ଛାତ୍ରୀଛାତ୍ର ଙ୍କ ସଂଖ୍ୟା ହ୍ରାସ ପାଉଛି।

**- ପୂର୍ଣ୍ଣଚନ୍ଦ୍ର ରାଉତ, ବିଦ୍ୟାଳୟ ଶିକ୍ଷକ**


“ଉକ୍ତ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ଦିଆ ଯିବା ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ।

**-ବିଜୟ ଲକ୍ଷ୍ମୀ ନାଗ, କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ।**

## ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ଟ୍ରାନ୍ସଫର୍ମର

**ନୂଆପଡ଼ା, ୨୩।୬ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଆମାନାରା ପଞ୍ଚାୟତ ପାତାଳଘୁଟୁକୁରି ଗାଁରେ ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ଭାବରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପଡ଼ିରହିଛି। ନୂଆପଡା--କେନ୍ଦୁବାହାରା, ଶିରଗିଡି ଗାଁ ଦେଇ ଛତିଶଗଡ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତା କଡରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଟ୍ରାନ୍ସଫର୍ମର ଚାରି ପାଖରେ ତାରବାଡ କିମ୍ବା ପାଚେରି ନାହିଁ। ତାରଗୁଡିକ ତଳରୁ ବିପଦସଙ୍କୁଳ ଭାବରେ ରହିଛି। ଖୋଲାରେ ରହିଥିବାରୁ ବିଭିନ୍ନ ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଲା ଗୋରୁ ଓ ଜୀବଜନ୍ତୁ ପ୍ରାଣ ହରାଉଥିବା ଅଭିଯୋଗ ହେଉଛି। ଏହି ବିଷୟରେ ଗ୍ରାମବାସୀ ଅନେକ ଥର ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଓ କଥିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଟ୍ରାନ୍ସଫର୍ମର ପାଖକୁ ଲାଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ବିଦ୍ୟାଳୟରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଖୋଦ ସଦର ବ୍ଲକ ଅଧ୍ୟକ୍ଷାଙ୍କ ଗାଁରେ ବର୍ଷ ବର୍ଷ ଧରି ଟ୍ରାନ୍ସଫର୍ମର ମୁକୁଳା ପଡିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଟ୍ରାନ୍ସଫର୍ମର ଚତୁର୍ପାର୍ଶ୍ୱରେ ତାରବାଡ କିମ୍ବା ପାଚେରି ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

**ଟିଟିଲାଗଡ, ୨୩।୬ (ଶରତ ମିଶ୍ର)**

ଭାରତୀୟ ସଂସ୍କୃତିର ସଂସ୍କାରର ପୃଷ୍ଠପୋଷକ, ମହାନ ଦେଶପ୍ରେମୀ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ରବିବାର ସନ୍ଧ୍ୟାରେ ଟିଟିଲାଗଡ଼ ଭାଜପା ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛି । ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ସହ ତାଙ୍କ. ମହନୀୟତାର ସ୍ମୃତିଚାରଣ କରିଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୌରାଧ୍ୟକ୍ଷା ମମତା ଜୈନ, ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ବରିଷ୍ଠ ନେତ୍ରୀ ରଞ୍ଜୁ ରାଏମନ ପ୍ରମୁଖ ମଞ୍ଚାସୀନ ଅତିଥି ଭାଜପାର ମହାନ ଆଦର୍ଶ, ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକାଶ କାର୍ଯ୍ୟକ୍ରମରେ ସାମିଲ ହୋଇ ଲୋକ ସେବା, ସଦଭାବନାକୁ ହତିଆର କରି ଆଗେଇବାକୁ ଉପସ୍ଥିତ ଶତାଧିକ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ। କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ମନୋଜ ଜୈନ, ସଞ୍ଜୟ ତ୍ରିପାଠୀ, ବିରଞ୍ଚି ସାହୁ, ସୁଧୀର ଘଡେଇ, ଆକାଶ ଜୈନ, ଚିନ୍ତାମଣୀ ସାହୁ, ଶ୍ୟାମପ୍ରସାଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରଙ୍କୁ ମାଡ଼ମାରି ପୋଲିସରେ ଜିମା ଦେଲେ ଗ୍ରାମବାସୀ

**ଲାଞ୍ଜିଗଡ,୨୩।୬ (ରମେଶ ଚନ୍ଦ୍ର ନାୟକ)**


ଜବତ ବାଇକ୍ ସହ ଗ୍ରାମାବାସୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ଘୋଡ଼ାପୋଖରୀସ୍ଥିତ ବେଡିଆପଡ଼ା ଗ୍ରାମବାସୀମାନେ ଶନିବାର ରାତିରେ ୨ଜଣ ମଇଁଷି ଚୋର ସମେତ ଗୋଟିଏ ବାଇକ ଓ ଗୋଟିଏ ସ୍କୁଟି କାବୁ କରି ପୋଲିସରେ ଜିମା ଦେଇଛନ୍ତି । ବିଜେପୁର ଥାନା ଉପାନ୍ତ ଅଞ୍ଚଳରେ ଛେଳି, ମେଣ୍ଢା, ଗାଇ, ମଇଁଷି ଭଳି ଅନେକ ଗୃହପାଳିତ ପଶୁ ଦିନକୁ ଦିନ ଚୋରା ଚାଲାଣ ବୃଦ୍ଧି ପାଉଥିବା ବେଳେ ଶନିବାର ବିଳମ୍ବିତ ରାତିରେ ୨ଜଣ ମଇଁଷି ଚୋର ସମେତ ଗୋଟିଏ ବାଇକ ଓଡି ୦୮ ଏଚ ୪୫୪୩ ଓ ଗୋଟିଏ ସ୍କୁଟି କେଏ ୫୫ ଇବି ୮୫୨୫ ଅଟକ ରଖିଥିବା ବେଳେ ଅନ୍ୟ ୨ଜଣ ଫେରାର ମାରିଥିବା ଜଣାପଡିଛି । ସୂଚନାନୁସାରେ ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ପେଙ୍ଗଶୁର ଗାଁର ବିଶ୍ୱମ୍ଭର ନାଗ ଓ ରାୟଗଡା ଜିଲା ମୁନିଗୁଡ଼ା ବ୍ଲକ ଡେପାଗୁଡ଼ା ପଦ୍ମନ କନ୍ଦପାନ ଶନିବାର ବିଳମ୍ବିତ ରାତିରେ ବେନଗାଁ ପଞ୍ଚାୟତ ଘୋଡାପୋଖରୀ ଗାଁର ପିଲି ମାଝୀଙ୍କ ୨ଟି ପୋଢ଼ ଗୁହାଳରୁ ଖୋଲି ନେଇ ଚୋରା ଚାଲାଣ କରୁଥିବା ସମୟରେ ଘୋଡ଼ାପୋଖରୀ ବେଡିଆପଡ଼ା ତିନି ଛକ ନିକଟରେ ପିଲି ମାଝୀଙ୍କ ସମେତ ଗ୍ରାମବାସୀ ଚୋରକୁ କାବୁ କରିଥିଲେ। ମୁନିଗୁଡ଼ା ବ୍ଲକ ବୋରିଖାଲ ଅଞ୍ଚଳର ସମନାଥ ମାଝୀ ଓ ଖଗେଶ୍ୱର ନାଗ ଘଟଣା ସ୍ଥଳରୁ ଫେରାର ମାରିଥିଲେ। ରାତି ସାରା ଗାଁରେ ଅଟକ ରଖିବା ପରେ ଏନେଇ ସ୍ଥାନୀୟ ସରପଞ୍ଚ ପୁରାଣା ମାଝୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କଲା ପରେ ମଧ୍ୟ ସମାଧାନ ହୋଇ ନ ଥିଲା। ରବିବାର ସକାଳେ ବିଜେପୁର ପୋଲିସ ଏହି ଘଟଣାର ଖବରପାଇଥିଲେ। ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ୟାମ କୁଲସିକା ନେତୃତ୍ୱରେ ପୋଲିସ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଜଣ ଚୋର ଓ ୨ଟି ଗାଡ଼ି ଥାନାକୁ ନେଇଁ ଅଟକ ରଖି ପଚରାଉଚରା କରି ତଦନ୍ତ କରୁଥିବା ଜଣାପଡିଛି। ତେବେ ବିଗତ ଦିନରୁ ବିଜେପୁର ଅଞ୍ଚଳରେ ଛେଳି,ମେଣ୍ଢା,ଗାଈ ଓ ପୋଢ଼ ଭଳି ଗୃହପାଳିତ ପଶୁ ଚୋରା ଚାଲାଣ ହେଉଥିବା ବେଳେ ଏହି ଅଞ୍ଚଳରୁ ହାରାହାରି ୨୫ ଜଣଙ୍କର ୭୮ଗୋଟି ଗୃହପାଳିତ ପଶୁ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଆଧାର କରି ବିଜେପୁର ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ୟାମ କୁଲସିକା ଘଟଣା ଦୃଷ୍ଟି ରଖି ତଦନ୍ତ ଆରମ୍ଭ କରିଥିବା ଜଣା ପଡ଼ିଛି। ଏନେଇ ବିଜେପୁର ଥାନାଧିକାରୀ ରଘୁନାଥ ମାଝୀଙ୍କୁ ପଚାରିବାରୁ କହିଲେ, ଘଟଣାଟି ସତ୍ୟ କିନ୍ତୁ ଏହାର ତଦନ୍ତ ଚାଲିଛି ଏବଂ ତଦନ୍ତ ପରେହିଁ ଏହାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି ।

## ଓଡ଼ିଶା ରାଜ୍ୟ ସମବାୟ ସମିତି ଲିଃ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ

**କୋକସରା,୨୩।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଓଡ଼ିଶା ରାଜ୍ୟ ସମବାୟ ସମିତି ଲିଃ ତରଫରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶାଖା ପରିଚାଳକ ଜୁନାଗଡ଼ ରଘୁମଣି ପୂଝାରି, ମୁଖ୍ୟବକ୍ତା ଭାବେ ଶାଖା ପରିଚାଳକ ଭବାନୀପାଟଣା ଶତ୍ରୁଘ୍ନ ନାଏକ, ସମ୍ମାନିତ ଅତିଥି ଭାବେ ଶାଖା ପରିଚାଳକ କୋକସରା ପ୍ରେମଲାଲ ନିଆଲ, ଏବିଏମ ଧନୁ ଦୁର୍ଗା, ଚନ୍ଦ୍ରଶେଖର ଗୋପାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବା ସହ ସମବାୟ ସମିତି ଲିଃର କାର୍ଯ୍ୟପନ୍ଥା ଓ ଏହାଦ୍ୱାରା କେମିତି ଆମେ ରୋଜଗାରକ୍ଷମ ହେବା ସେନେଇ ପରାମର୍ଶ ଦେଇଥିଲେ। ଯାହାକୁ ନଜରରେ ରଖି ଓଡ଼ିଶା ରାଜ୍ୟ ସମବାୟ ସମିତି ଲିଃ ସାଧାରଣ ଲୋକଙ୍କ ସୁବିଧା ପାଇଁ ୧୫-୬୦% ପ୍ରତିଶତ ଛାଡ଼ରେ ବିଭିନ୍ନ ପ୍ରକାର ଜିନିଷ ଉପଲବ୍ଧ ହେବା ନେଇ ଉଦ୍ୟମ କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତସ୍ତରରେ ବିଭାଗ ବିଭିନ୍ନ ଉପଦ୍ରବ୍ୟ ସାଧାରଣ ଲୋକ ଉପଲବ୍ଧ ପାଇଁ ବ୍ୟବସ୍ଥା କରିବାକୁ ହାତକୁ ନେଇଛି। ପଞ୍ଚାୟତ ମହକୁମାଠାରେ ପ୍ରଥମେ ଏହାର ବଜାର ବା ଦୋକାନ, ମଲ ଇତ୍ୟାଦି ଖୋଲି ବିକ୍ରି କରିବା ବ୍ୟବସ୍ଥା କରିଛି। ଏଥିପାଇଁ ବିଭାଗରେ ସମ୍ପୃକ୍ତି ହେବାକୁ ପ୍ରଥମେ ୨୫୦ଟଙ୍କା ଜମା ପଞ୍ଜିକୃତ ଦେବାକୁ ସାଧାରଣ ଜନତାକୁ ବିଭାଗ ଶାଖା ପରିଚାଳକ ଶତ୍ରୁଘ୍ନ ନାଏକ କାର୍ଯ୍ୟକ୍ରମରେ ବୁଝାଇଥିଲେ। ଏହାର ଫାଇଦା ଓ ସୁଲଭ ଭାବେ ସହଜରେ ଉପକରଣ ସାମଗ୍ରୀ ତଥା ଜିନିଷ ସହଜରେ ଗ୍ରାହକ କିପରି ପାଇବେ ତାର ସମ୍ପୂର୍ଣ୍ଣ ବିବରଣୀ କୋକସରା ଶାଖା ପରିଚାଳକ ପ୍ରେମରାଜ ନିଆଲ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପିଇଓ, ଏଫିଓ ସମେତ ସମବାୟ ସମିତିର ସଭ୍ୟାସଭ୍ୟ ଉପସ୍ଥିତ ରହିଥିଲେ।

## ଓଷ୍ଟା ପକ୍ଷରୁ ଏ ୱାନ୍ ଛାତ୍ରଙ୍କୁ ସମ୍ବର୍ଦ୍ଧନା


ମାଟ୍ରିକ ପରୀକ୍ଷାରେ ଏ ୱାନ ଗ୍ରେଡ୍ ହାସଲ କରିଥିବା ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଖଡିଆଳ,୨୩।୬ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ସହରସ୍ଥିତ କ୍ଷତ୍ରୀୟ ସମାଜ ଭବନ ଠାରେ ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ସ୍ୱତନ୍ତ୍ର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ ୱାନ ଗ୍ରେଡ୍ ହାସଲ କରିଥିବା ଜୟ ପ୍ରକାଶ ସାହୁ, ଶକ୍ତି ରଞ୍ଜନ ବିଶାଳ ଓ ତ୍ରିବିକ୍ରମ ରଣାଙ୍କୁ ମେମେଣ୍ଟୋ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ସମ୍ବର୍ଦ୍ଧିତ ଛାତ୍ରମାନଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ମଧ୍ୟ ଓଷ୍ଟା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ଓଷ୍ଟା ଜିଲା ଉପ ସଭାପତି ତଥା ବଙ୍କାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୂଆପଡା ଜିଲା ଓଷ୍ଟା ସଭାପତି ବନ ବିହାରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା କାର୍ଯ୍ୟକାରି ସଭାପତି ସୁଶାନ୍ତ କୁମାର ବିଶି, ଜିଲା ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ, ଓଷ୍ଟା କାର୍ଯ୍ୟକାରୀ ସଭ୍ୟ ପ୍ରଦୀପ୍ତ କୁମାର ଯୋଷୀ, ବରିଷ୍ଠ ଶିକ୍ଷକ ଅଶ୍ୱିନୀ କୁମାର ଯୋଷୀ, ପ୍ରଦୀପ କୁମାର ପତି, ଦେବାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଦିଲୀପ କୁମାର ନାୟକ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଚତୁର୍ଭୁଜ ସିଂ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତୃତ୍ୱ ପଞ୍ଚାନନ ମଟାରୀ, ମମତା ପତି, ଅନିରୁଦ୍ଧ ପଣ୍ଡା, ରାଜକୁମାର ତାଣ୍ଡି, ସିମାଞ୍ଚଳ ଦାଶ, ଦେବେନ୍ଦ୍ର ରଣା, ଚିତ୍ତରଞ୍ଜନ ଦୁବେ, ପରମେଶ୍ୱର କଠାର, ତପନ କୁମାର ବହିଦାର, ଦେବରାଜ ସ୍ୱାଇଁ, ଜନାର୍ଦ୍ଦନ ସ୍ୱାଇଁ, ଭାଗିରଥି ଚଂପତି ପ୍ରମୁଖ ଯୋଗ ଦେଇଥିଲେ।

## ମହିମା ଆଶ୍ରମ, ଶୂନ୍ୟମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

**ସିନାପାଲି, ୨୩।୬(ମନଫୁଲ ମେହେର)**


ରାମଗଡ଼ଠାରେ ଅଲେଖ ମହିମା ଆଶ୍ରମ ଓ ଶୂନ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜନ।

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲିର ଐତିହାସିକ ରାମଗଡ଼ଠାରେ ଅଲେଖ ମହିମା ଆଶ୍ରମ ଓ ଶୂନ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୀଷ୍ମରାଜ ମେହେରଙ୍କ ସଂଯୋଜନା ଓ ବୈଷ୍ଣବ ମାଲିଙ୍କ ଅଧ୍ୟକ୍ଷତାରେ ଏନେଇ ପୂଜାବିଧି କରାଯିବା ସହ ଘୃତଯଜ୍ଞ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପାତାଳଗଙ୍ଗାର ବାବା ଯୋଗାନନ୍ଦ ଦାସ, ନୀଳଜୀ ମଠର ବାବା ରବିନ୍ଦ୍ର ଦାସ, ହେମରାଜ ଶାସତ୍ରୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ରାମଗଡ଼ କିମ୍ବଦନ୍ତୀ ଭରା ଏକ ଐତିହାସିକ ସ୍ଥାନ ହୋଇଥିବାବେଳେ ପର୍ଯ୍ୟଟନସ୍ଥଳ ଭାବରେ ଏହାର ବିକାଶ କରିବାକୁ ଗତ କିଛି ବର୍ଷ ହେଲା ସ୍ଥାନୀୟ ଲୋକଙ୍କ ପ୍ରୟାସ ଜାରି ରହିଛି। କାର୍ଯ୍ୟକ୍ରମରେ ଧନେଶ୍ୱର ନିଆଲ, ଦେବରାମ ସା, ଦୁତିଆ ପଟେଲ, ମଧୁଆ ନିଆଲ, ଟଙ୍କଧର ବୈଠାରୁ, ଯଦୁମଣି ଭକ୍ତ, ପୁରୁତମ ଭକ୍ତ, ପ୍ରସନ୍ନ କୁମାର ରଣା, ବସନ୍ତ ଦାସ ପ୍ରମୁଖ ମହିମା ଭକ୍ତଙ୍କ ସହ ଅଞ୍ଚଳର ଗୁଣଧର ମେହେର, ସନ୍ୟାସୀ ଦାସ, ପରମା ମେହେର, ଦିଲ୍ଲୀପ ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସରପଞ୍ଚ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**କୋକସରା,୨୩।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବିଧାନସଭାର ନବ ନିର୍ବାଚିତ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀଙ୍କୁ ରବିବାର କଳାହାଣ୍ଡି ଜିଲା କୋକସରା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପରିସରରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ପ୍ରଥମେ ମହାଦେବଙ୍କ ଦର୍ଶନ କରିବା ପରେ ତାଙ୍କୁ ସରପଞ୍ଚ ସଂଘର କର୍ମକର୍ତ୍ତାମାନେ ପାଛୋଟି ନେଇଥିଲେ। ବିଧାୟକଙ୍କୁ ଉତ୍ତରୀୟ, ପୁଷ୍ପମାଲ୍ୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଟେମରା ପଞ୍ଚାୟତ ସରପଞ୍ଚ କ୍ଷିତିରାମ ପାତ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭାରେ ବ୍ରଜ ମୋହନ ନାଏକ ମଞ୍ଚ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚରେ ଅନ୍ୟ ଅତିଥିଙ୍କ ମଧ୍ୟରେ କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ଉପସଭାପତି ସୁଧୀର କୁମାର ପାତ୍ର, କୋକସରା ମଣ୍ଡଳ ସାଧାରଣ ସମ୍ପାଦକ ତ୍ରିନାଥ ଶବର, ମୋଟେର ମଣ୍ଡଳ ସଭାପତି ସ୍ୱୟଂବର ବାଗ, ମେକ ଇନ ଇଣ୍ଡିଆ ଯୁବ ପ୍ରଭାରୀ ବଲାଙ୍ଗୀର ଜିଲା ହିମାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଯୋଗଦେଇଥିବା ସରପଞ୍ଚମାନେ ନିଜର ପରିଚୟ ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବିଧାୟକ ପାଟ୍ଟଯୋଷୀ ରାଜ୍ୟରେ ଭାଜପା ସରକାରକୁ ଜନମତ ମିଳିଛି ଓ ଭାଜପା ସରକାର କାର୍ଯ୍ୟକ୍ଷମ ହୋଇଛି। ଭାଜପା ହେଉଛି ଲୋକଙ୍କ ସରକାର। କୌଣସି ବିକାଶରେ କୌଣସି ପ୍ରଶାସନିକ ଅଧିକାରୀ ବାଧା ଦେଉଥିଲେ ତାର ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ। ପରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରି ପଞ୍ଚାୟତସ୍ତରରେ ଥିବା ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ପଦ୍ମିନୀ ପାତ୍ର, ପଦ୍ମିନୀ ପୂଝାରି, ଯମୁନା ନାଏକ, କୁଞ୍ଜଲତା ନାଏକ, ମାଧବୀ ଧରୁଆ, ଇଶରାମ କୋଲଥିଆ, ଇଶରାମ ସୁନାନୀ, ଦେବିସିଂ ତାଣ୍ଡି, କୁରୁକ୍ଷେତ୍ର ବେହେରା ପ୍ରମୁଖ ସରପଞ୍ଚମାନେ ଉପସ୍ଥିତ ଥିଲେ।



ସରପଞ୍ଚ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବ୍ଲକ ଗୋଟିଏ, ଥାନା ୩: ନ୍ୟାୟ ପାଇଁ ଲୋକେ ହହଗାଞ୍ଜି

**ଭବାନୀପାଟଣା,୨୩।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ୧୩ଟି ବ୍ଲକ ମଧ୍ୟରୁ ଜୁନାଗଡ଼ ବ୍ଲକ ହେଉଛି ଅନ୍ୟତମ। ଏହି ବ୍ଲକ ବ୍ୟବସାୟୀ କ୍ଷେତ୍ରରେ ହେଉ କି ରାଜନୈତିକ କ୍ଷେତ୍ରରେ ହେଉ, କିମ୍ବା ଚୋରି, ଡକାୟତି, ସଟ୍ଟା, କ୍ରିକେଟ ବେଟିଂକୁ ନେଇ ହେଉ ସବୁ କ୍ଷେତ୍ରରେ ଆଗରେ ରୁହେ। କିନ୍ତୁ ଏହି ବ୍ଲକର ଲୋକଙ୍କୁ ନ୍ୟାୟ ପାଇବା ପାଇଁ ୩ଟି ଥାନାର ଦ୍ୱାରସ୍ଥ ହେବାକୁ ପଡୁଛି। ଏମିତିକି ଦୁଇଟି ଗାଁକୁ ନେଇ ଗୋଟିଏ ପଞ୍ଚାୟତ ଥିବାବେଳେ ଏହି ଦୁଇଟି ଗାଁକୁ ମଧ୍ୟ ଦୁଇଟି ଥାନାରେ

### ପୋଲିସ ବିଭାଗର ବିଚିତ୍ର ନୀତି

ବିଭକ୍ତ କରାଯାଇଛି। ବ୍ଲକ ଜୁନାଗଡ଼, ତହସିଲ ମଧ୍ୟ ଜୁନାଗଡ଼ କିନ୍ତୁ ଥାନା କାହାର କୋକସରା ତ କାହାର ଧର୍ମଗଡ଼ ହେଉଛି। ଯାହା ଫଳରେ ଲୋକେ ନ୍ୟାୟ ପାଇବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୁନାଗଡ଼ ବ୍ଲକରେ ୩୪ଟି ପଞ୍ଚାୟତ ରହିଛି। ଏହି ପଞ୍ଚାୟତମାନଙ୍କ ମଧ୍ୟରେ ଚାରବାହାଲ ଅଞ୍ଚଳର ଲୋକେ କୋକସରା ଥାନା ଉପରେ ନିର୍ଭର କରନ୍ତି। ସେହିଭଳି କାଲୋପଲା ଓ ଦେଉଣ୍ଡିକୁ ନେଇ ଗୋଟିଏ ପଞ୍ଚାୟତ ଗଠନ ହୋଇଛି। ହେଲେ ଦୁର୍ଭାଗ୍ୟର କଥା କାଲୋପଲା ଧର୍ମଗଡ଼ ଥାନା ଅଧୀନରେ ଯାଉଥିବା ବେଳେ ଦେଉଣ୍ଡି ଜୁନାଗଡ଼ ଥାନା ଅଧୀନରେ ଯାଉଛି । ଲୋକେ ନ୍ୟାୟ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟର ୨୪ ବର୍ଷର ବିଜେଡି ସରକାର ଏହା ଉପରେ କୌଣସି ପଦକ୍ଷେପ ନେଇ ପାରିଲେ ନାହିଁ। ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଥିବା ସମୟରେ ଲୋକଙ୍କ ଆଶା ଥିଲା ଯେ, ଜୁନାଗଡ଼ ବ୍ଲକ ଅଧୀନରେ ଥିବା କାଲୋପଲା ଓ ଚାରବାହାଲ ଗ୍ରାମବାସୀ ଜୁନାଗଡ଼ ଥାନା ଅଧୀନରେ ଆସିବେ ଏବଂ ତାଙ୍କ ପାଇଁ ଏକ ପୋଲିସ ଫାଣ୍ଡିର ବ୍ୟବସ୍ଥା ହେବ। କିନ୍ତୁ ତାହା ମଧ୍ୟ କରିପାରିଲେନାହିଁ। ଏବେ ବି ଚାରବାହାଲ ଗ୍ରାମବାସୀ କୋକସରା ଥାନାକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ବେଳେ କାଲୋପଲା ଗ୍ରାମବାସୀ ଧର୍ମଗଡ଼ ଥାନା ଦୌଡୁଛନ୍ତି। ବର୍ତ୍ତମାନ ରାଜ୍ୟରେ ୨୪ ବର୍ଷର ବିଜେଡି ସରକାରଙ୍କୁ ହଟାଇ ଭାଜପା ସରକାର ଆସିଛି। ମୁଖ୍ୟମନ୍ତ୍ରୀ ଗ୍ରାମବାସୀଙ୍କ ଦୁଃଖକୁ ଲାଘବ କରି ଚାରବାହାଲ ଓ କାଲୋପଲା ଗ୍ରାମବାସୀଙ୍କୁ ଜୁନାଗଡ଼ ଥାନା ଅଧୀନରେ ରଖି ଏକ ସ୍ୱତନ୍ତ୍ର ପୋଲିସ ଫାଣ୍ଡି ନିର୍ମାଣ କରିବା ପାଇଁ ଦାବି ହୋଇଛି ।

# ବିକଶିତ ହେବ ବାରପାହାଡ଼ ପୀଠ

ସୋନପୁର,୨୩ା୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡା ନିକଟରେ ଥିବା ବାରପାହାଡ ପୀଠକୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ହେବ। ଏଥିପାଇଁ ଶକ୍ତି ବିଭାଗ ପକ୍ଷରୁ ୧୭ଲକ୍ଷ ୭୮ହଜାର ୨୭୦ଟଙ୍କା ମଞ୍ଜୁରୀ ମିଳିଛି। ନିର୍ବାଚନ ଆଚରଣ ବିଧି କଟକଣା ହଟିଥିବାରୁ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ପକ୍ଷରୁ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ପୀଠକୁ ବିଦ୍ୟୁତ୍ ସଂଯୋଗ ପାଇଁ ମେଣ୍ଡା, ଦେଉଳପଦର, ପାଇକବାହାଲ ଓ ରାଣୀସର୍ଡା ପଞ୍ଚାୟତର ଅଧିବାସୀଙ୍କୁ ନେଇ ଗଠିତ ଆଞ୍ଚଳିକ ବାରପାହାଡ ସେନା ପକ୍ଷରୁ ପ୍ରାକ୍ତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ସିଇଓଙ୍କୁ ପୂର୍ବରୁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଆରାଧ୍ୟଦେବୀ ବାରପାହାଡ ପୀଠରେ ପାରମ୍ପରିକ ଭାବେ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମୟରେ ପୀଠକୁ ରାତିରେ ଯାତାୟତ ସମୟରେ ଅସୁବିଧା ହେଉଥିଲା। ତେଣୁ ଅଞ୍ଚଳବାସୀଙ୍କ ପକ୍ଷରୁ ପୀଠକୁ ବିଦ୍ୟୁତ୍ ସଂଯୋଗ ପାଇଁ ଦାବି ହୋଇ ଆସୁଥିଲା। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ଡିଷ୍ଟ୍ରିକ୍ଟ ଇଲେକ୍ଟ୍ରିକାଲ ମିଟିଂରେ ଏହି ପ୍ରକଳ୍ପକୁ ଅନୁମତି ମିଳିଥିଲା। ବାରପାହାଡ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ପୂର୍ବରୁ ୨୮ଲକ୍ଷ ୮୯ହଜାର ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ପକ୍ଷରୁ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରାଯିବ ବୋଲି ଜଣାପଡିଛି। ଏଠାରେ ତିନି ଦିନ ଧରି ଚୈତ୍ର ପୂର୍ଣ୍ଣିମା ବା ବାରପାହାଡ ଯାତ୍ରା ପ୍ରତିବର୍ଷ ପରମ୍ପରା ଅନୁଯାୟୀ ପାଳିତ ହୁଏ। ରାତିରେ ବାରପାହାଡ ସଂରକ୍ଷିତ ଜଙ୍ଗଲରେ ଥିବା ମୁଖ୍ୟପୀଠରେ ପୂଜାର୍ଚ୍ଚନା କରାଯାଏ। ଜଙ୍ଗଲ ମୁଖ୍ୟ ଗୁମ୍ଫାରେ ଥିବା ଦେବୀପୀଠକୁ ଶ୍ରଦ୍ଧାଳୁମାନେ ଏହି ସମୟରେ ଯାଆନ୍ତି। ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୁଏ । ପୀଠକୁ ବିଜୁଳି ସଂଯୋଗ ଓ ପାରିପାର୍ଶ୍ୱିକ ବିକାଶ ଏହି ଐତିହାସିକ ପୀଠର ଗୁରୁତ୍ୱ ବୃଦ୍ଧି କରିବ। ଏଥିପାଇଁ ଆଞ୍ଚଳିକ ବାରପାହାଡ ସେନା ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଏମ୍‌ପି, ବିଧାୟକ ନିରଞ୍ଜନ ପୂଜାରୀ ଓ ସହଯୋଗ କରିଥିବା ପ୍ରଶାସନିକ ଅଧିକାରୀଙ୍କୁ କୃତଜ୍ଞତା ଜଣାଯାଇଛି।


ବାରପାହାଡ ଗୁମ୍ଫାରେ ଦେବୀଙ୍କୁ ପୂଜା କରାଯାଉଛି।

**ପାରିପାର୍ଶ୍ୱିକ ଉନ୍ନତି ସହ ହେବ ବିଦ୍ୟୁତ୍ ସଂଯୋଗ**

# ୨ପୁଅଙ୍କୁ ସରକାରୀ ସହାୟତା ଦେବାକୁ ଦାବି

ସୁବଳୟା,୨୩ା୬(ଜୟାନନ୍ଦ ରଥ)

ସୁବର୍ଣ୍ଣପୁର ସହର ବିବେକାନନ୍ଦ ନଗରରେ ଶ୍ରମିକମାନେ ନିଅଁ ଖୋଳୁଥିବା ସମୟରେ ଶନିବାର ପାଚେରି ଭୁଶୁଡିପଡିଥିଲା। ପାଚେରି ତଳେ ଚାପି ହୋଇ ବୀରମହାରାଜପୁର ବ୍ଲକ ସୁବଳୟା ଥାନା ବଡଖମାର (ରାଧାପୁର) ଗ୍ରାମର ମନୁ ମିର୍ଦ୍ଧା(୫୫) ଓ ତାଙ୍କ ସ୍ତ୍ରୀ ଦୁର୍ଲଭ ମିର୍ଦ୍ଧ(୫୦)ଙ୍କ ମୃତ୍ୟୁ ଘଟିଥିଲା। ମନୁ ଓ ଦୁର୍ଲଭ ଦିନ ମଜୁରିଆଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି । ତାଙ୍କ ଅକାଳ ମୃତ୍ୟୁରେ ଦୁଇ ପୁଅ ଗିରିଶ ମିର୍ଦ୍ଧା(୨୨) ଓ ଅରୁଣ ମିର୍ଦ୍ଧା (୧୯) ଏବେ ଅନାଥ ହୋଇ ପଡିଛନ୍ତି। ସେମାନେ ମା' ବାପାଙ୍କୁ ଅସମୟରେ ହରାଇ ଭାଙ୍ଗି ପଡିଛନ୍ତି। ମୃତ ଶ୍ରମିକ ଦମ୍ପତି ତାଙ୍କର ଏକମାତ୍ର ଝିଅ କଳ୍ପନାଙ୍କୁ ପୂର୍ବରୁ ହିଲୁଙ୍ଗ ଗ୍ରାମରେ ବିବାହ କରାଇଥିଲେ। ତେଣୁ ଗିରିଶ ଓ ଅରୁଣ ଦୁଇ ଭାଇ ଏବେ ମା' ବାପାଙ୍କୁ ହରାଇ ଏକୁଟିଆ ହୋଇ ପଡିଛନ୍ତି। ସେହିପରି ମନୁ ଓ ଦୁର୍ଲଭଙ୍କ ମୃତ୍ୟୁରେ ରାଧାପୁର ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଗରିବ ଶ୍ରମିକ ପରିବାରକୁ ସରକାରୀ ସହାୟତା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ପରେ ଦମ୍ପତିଙ୍କ ମୃତଦେହକୁ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ରାଧାପୁର ଗାଁରେ ଏକ ଶୋକାକୂଳ ପରିବେଶରେ ଉଭୟଙ୍କ ଅନ୍ତିମ ସତ୍କାର କରାଯାଇଛି ।


ମା' ବାପାଙ୍କ ମୃତ୍ୟୁ ପରେ ଅସହାୟ ଦୁଇ ଭାଇ।

**ପାଚେରି ଭୁଶୁଡ଼ି ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ ଘଟଣା**

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

ବୌଦ୍ଧ,୨୩ା୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ରବିବାର ଜିଲା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଡ.ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ସେ କିପିରି ଦେଶର ଏକତା ଓ ଅଖଣ୍ଡତା ପାଇଁ କାର୍ଯ୍ୟକରୁଥିଲେ ସେ ନେଇ ମତବ୍ୟକ୍ତ କରିଥିଲେ। ଏହା ସହ ବୌଦ୍ଧ ମହାନଦୀ କୁଳରେ ଥିବା ଜଳେଶ୍ୱର ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଭାଜପା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ସାଧାରଣ ସମ୍ପାଦକ ତାପସ କୁମାର ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ର, ମନରଞ୍ଜନ ଦାସ, ମାଗୁଣୀ ଗାଇଗୌରିଆ, ନିମିତା ରାଣୀ ଦାସ, ନିରଞ୍ଜନ ଦାନୀ, ରାଜ କୁମାର ମେହେର, ବାମନ ବାରିକ, ଶମ୍ଭୁ ପ୍ରଧାନ, ବିଶିକେସନ ପ୍ରଧାନ, ବିଶିକେସନ ମେହେର, ନବୀନ ହୋତା, ବଂଶୀଧର ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।


କାର୍ଯ୍ୟକ୍ରମରେ ଭାଜପାର ଦଳୀୟ କର୍ମକର୍ତ୍ତା ।

# ବୀରମହାରାଜପୁରରେ ବଳିଦାନ ଦିବସ ପାଳନ



ମଞ୍ଚାସୀନ ଅତିଥିମାନେ।

ଅମରପାଲି,୨୩ା୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଭାଜପା ତରଫରୁ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଭାଜପା ମଣ୍ଡଳ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ପ୍ରଧାନଙ୍କ ପୌରୋହିତ୍ୟ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ଜିଲା ଭାଜପା ସାଧାରଣ ସମ୍ପାଦକ ବେଣୁଧର ଦାସ, ଉପସଭାନେତ୍ରୀ ନଳିନୀ ପଣ୍ଡା,ବୀରମହାରାଜପୁର ଓକିଲ ସଂଘ ସଭାପତି ରାଧାକାନ୍ତ ମହାକୁର, ଭାଜପା କାର୍ଯ୍ୟକାରିଣୀ ସଭ୍ୟ ସତ୍ୟବ୍ରତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ଭୋଇ,ବିବେକାନନ୍ଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫାଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅତିଥିମାନେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ବିଷୟରେ ସ୍ମୃତିଚରଣ କରିଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳ ସାଧାରଣ ସମ୍ପାଦକ ଗୌତମ ପଣ୍ଡା ପରିଚାଳନା କରିଥିବା ବେଳେ ମଣ୍ଡଳ ସାଧାରଣ ସମ୍ପାଦକ ବାବୁଲାଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଭାଜପା ସମର୍ଥକ ଓ ଜନପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ନବ ନିର୍ବାଚିତ ବିଧାୟକଙ୍କୁ ଭାଜପା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ

ଅମରପାଲି,୨୩ା୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଡିଆରସିଏସ ରଶ୍ମିଲତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ଦାଶରଥି ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଆରସିଏସ ଗିରିଶ ଚନ୍ଦ୍ର ପୁରୋହିତ, ବିଡିସିସି ବ୍ୟାଙ୍କର ଶାଖା ପରିଚାଳକ ଅମିତ କୁମାର ସା, ଏସଆରସିଏସ ପ୍ରେମାନନ୍ଦ ଦୀପ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କଳାପଥର କୃଷି ସେବା ସମବାୟ ସମିତି ସମ୍ପାଦକ ସୁଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟାଳୟ ହେବା ପରେ ସ୍ଥାନୀୟ ଅଞ୍ଚଳର କୃଷକମାନେ ପାଇଁ ବେଶ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ରେ ଅଞ୍ଚଳର ଚାଷୀ,ସମବାୟ ସମିତି ର କର୍ମଚାରୀ,ସଭ୍ୟା ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ।


କଳାପଥର କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ମିଳିତ ଶିକ୍ଷକ ସଂଘ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଅମରପାଲି,୨୩ା୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ରବିବାର ନବନିର୍ବାଚିତ ବିଧାୟକ ଇଂ.ରଘୁନାଥ ଜଗଦଲାଙ୍କୁ ସାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମିଳିତ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ମିଶ୍ରଙ୍କ ନେତୃତ୍ୱରେ ବିଧାୟକଙ୍କୁ ବ୍ଲକ କଲ୍ୟାଣ ମଣ୍ଡପରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କମିଟି ସମ୍ପାଦକ ମେଘନାଦ ଭୋଇ, ପ୍ରାଣବନ୍ଧୁ ସାହୁ, ପ୍ରବୀର ଦାସ, ଦୁଃଖିଶ୍ୟାମ ଭୋଇ, ବିଶାମିତ୍ର ନାଏକ, ଗୋପବନ୍ଧୁ ଭୋଇ, ଗୋବିନ୍ଦ ମେହେର, ଜମ୍ବେଶର ଦୀପ, ନାରାୟଣ ଜଗଦଲା, ଅକ୍ଷୟ ରାୟ, ପଦ୍ମନାଭ ବାରିକ ଓ ଅନ୍ୟାନ୍ୟ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ଦିଗରେ ସହଯୋଗ କରିବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବୀରମହାରାଜପୁର ଶିକ୍ଷକ ଭବନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଥିଲେ।


ମିଳିତ ଶିକ୍ଷକ ସଂଘ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ସୁବଳୟା,୨୩ା୬(ଜୟାନନ୍ଦ ରଥ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂଘା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏକତାଲ ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡିଛି। ଏହା ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ବିପଦ ଆଶଙ୍କା ରହିଛି। ଏହି ଗ୍ରାମରେ ବିପିଏଲ ହିତାଧିକାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ରହିଛି। ତେବେ ପାଚେରୀ ବିହୀନ ମୁକୁଳା ହୋଇ ପଡି ରହିଥିବା ଟ୍ରାନ୍ସଫର୍ମର ଏବେ ମଣିଷ ତଥା ଜୀବଜନ୍ତୁଙ୍କ ପାଇଁ ବିପଦ ସାଜିଛି। ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱ ଅନେକ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଥିବାରୁ ଗୋରୁ ଓ ଗୃହପାଳିତ ପ୍ରାଣୀ ସେଠାକୁ ଘାସ ଖାଇବାକୁ ଯାଉଛନ୍ତି। ଟ୍ରାନ୍ସଫର୍ମର ଥିବା ରାସ୍ତା ଗୋଧନେଶ୍ୱର ମନ୍ଦିରକୁ ସଂଯୋଗ କରୁଥିବାରୁ ସେହିପଥରେ ଯାଉଥିବା ଲୋକଙ୍କ ପ୍ରତି ମଧ୍ୟ ଏହା ବିପଦର କାରଣ ସାଜିଛି। ଏଣୁ ଏଥିପ୍ରତିପ୍ରଶାସନ ଦୃଷ୍ଟି ଦେଇ ଏହି ମୁକୁଳା ଟ୍ରାନ୍ସଫର୍ମର ଚାରି ପାଖରେ ପାଚେରିର ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଏକତାଲ ଗ୍ରାମରେ ମୁକୁଳା ପଡିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

# ବିଧାୟକଙ୍କ ଡାକ୍ତରଖାନା ପରିଦର୍ଶନ

ସୋହେଲା,୨୩ା୬(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲାଠାରେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ପ୍ରଥମ ଗସ୍ତ କାର୍ଯ୍ୟକ୍ରମରେ ତାଙ୍କୁ ଭାଜପା ତଥା ଅଞ୍ଚଳବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସେ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ସେ ୱାର୍ଡକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହା ପରେ ସେ ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବ୍ରହ୍ମାନନ୍ଦ ଷଡ଼ଙ୍ଗୀ ଓ ଡାକ୍ତର ପ୍ରଶାନ୍ତ ମଟାରୀ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ଆଲୋଚନା କରି ଡାକ୍ତରଖାନା ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ସୋହେଲା ଡାକ୍ତରଖାନାକୁ ଏକ ଆଦର୍ଶ ଡାକ୍ତରଖାନାରେ ପରିଣତ କରିବା ପାଇଁ ସମସ୍ତଙ୍କ ପରାମର୍ଶ ଓ ସହଯୋଗ କାମନା କରିଥିଲେ। ପରିଦର୍ଶନ ସମୟରେ ଅଶିନୀ କୁମାର ପାତ୍ର, ରଘୁବୀର ଭୋଇ, ଇମରାନ ଭୋପଲା, ପ୍ରମୋଦ ପୋଢ ପ୍ରମୁଖ ଉପସ୍ଥିତ ଥିଲେ।


ନବନିର୍ବାଚିତ ବିଧାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀଙ୍କୁ ଫଳ ବଣ୍ଟନ କରୁଛନ୍ତି।

# ସ୍ଥାନୀୟ ଶିଳ୍ପରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଅ

ସମ୍ବଲପୁର,୨୩ା୬(ପ୍ରମୋଦ ବହିଦାର)

- ଦାବିକଲା ପଶ୍ଚିମ ଓଡ଼ିଶା ଛାତ୍ର ସାମ୍ମୁଖ୍ୟ
- ଚାପ ପ୍ରୟୋଗ ପାଇଁ ଜନଚିଠି ଆହ୍ୱାନ

ପଶ୍ଚିମ ଓଡ଼ିଶା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ସ୍ଥାନୀୟ ଶିଳ୍ପାନୁଷ୍ଠାନଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ନିଯୁକ୍ତି ପାଇଁ ଦାବି କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନରେ ରବିବାର ପଶ୍ଚିମ ଓଡିଶା ଛାତ୍ର ସାମ୍ମୁଖ୍ୟ(ଡବ୍ଲୁଓଏସ୍ଏଫ)ର ଆବାହକ ଚୁମନ୍ କୁମାର୍ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ନିଯୁକ୍ତି ସହିତ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର ଓ ଝାରସୁଗୁଡ଼ା ଜିଲାର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରୁ ୬୦ରୁ ଅଧିକ ଛାତ୍ରନେତା ଯୋଗ ଦେଇଥିଲେ। ଏଥିରେ ପଶ୍ଚିମ ଓଡିଶାରେ ସ୍ଥାନୀୟ ନିଯୁକ୍ତି ସୁଯୋଗର ଅଭାବକୁ ନେଇ ଛାତ୍ରମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।


ସାମ୍ବାଦିକ ଭବନରେ ସମବେତ ପଶ୍ଚିମ ଓଡ଼ିଶା ଛାତ୍ର ସମ୍ମୁଖ୍ୟର ଛାତ୍ର ପ୍ରତିନିଧିମାନେ।

ବୈଠକରେ ମୁଖ୍ୟତଃ ସ୍ଥାନୀୟ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ନିଯୁକ୍ତି, ଆଉଟସୋର୍ସିଂ ପଦ୍ଧତିକୁ ରଦ୍ଦ କରିବା, ସରକାରୀ କ୍ଷେତ୍ରରେ ସ୍ଥାନୀୟ ଯୁବତୀ, ଯୁବକମାନଙ୍କ ଦକ୍ଷତା ବିକାଶ, ବନ୍ଦ ଶିଳ୍ପ କାରଖାନା ଗୁଡିକର ପୁନଃ ପ୍ରତିଷ୍ଠା କରିବା, ସରକାରୀ ଓ ବେସରକାରୀ ସ୍ତରରେ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ପାଇଁ ଉପଯୁକ୍ତ ଦରମା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏହି ଅବସରରେ ଛାତ୍ର ସାମୁଖ୍ୟ ପକ୍ଷରୁ ସରକାର ବେସରକାରୀ କମ୍ପାନୀଗୁଡିକୁ ଚାକିରୀ ଆଉଟସୋର୍ସିଂ କରୁଥିବାରୁ ସ୍ଥାନୀୟ ଶ୍ରମିକ ବାହାରକୁ ଯିବାକୁ ଶ୍ରେୟସ୍କର ମଣୁଛନ୍ତି ବୋଲି ଅଭିଯୋଗ କରାଯାଇଛି। ତେଣୁ ସ୍ଥାନୀୟ ଯୁବକମାନଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ସେହିପରି ସ୍ଥାନୀୟ ରୋଜଗାର ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ଏକ ଜନ ଚିଠି ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ତଥା ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସରକାରଙ୍କ ନିକଟରେଦାବି କରିବାର ପାଇଁ ଏହି ବୈଠକ ଆୟୋଜିତ ହୋଇଥିଲା ବୋଲି ଛାତ୍ର ସାମୁଖ୍ୟ ପକ୍ଷରୁ କୁହାଯାଇଛି। ଏଥିରେ ସୁବର୍ଣ୍ଣପୁର ଜିଲାରୁ ଶ୍ରୀନିବାସ ଖମାରୀ, ସୁନ୍ଦରଗଡ଼ ଜିଲାରୁ ରୋଶନ ରାଉତରାୟ, ବରଗଡ଼ ଜିଲାରୁ ସପନ ହୋତା, କ୍ରିଷ୍ଣା ପଣ୍ଡା, ସମ୍ବଲପୁର ଜିଲାରୁ ଆର୍ଯ୍ୟାନ୍ ବହିଦାର, ହରିଶ ସାହୁ, ଝାରସୁଗୁଡ଼ା ଜିଲାରୁ ଦୀପକ୍ ରୋହିଦାସ ଓ ଆକୃଷ୍ଟ ଭୋଇ ପ୍ରମୁଖ ଯୁବ ଓ ଛାତ୍ର ନେତୃତ୍ୱମଣ୍ଡଳୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ରେଳବାଇ କଲୋନିରେ ବଢୁଛି ଚୋରି, ପୋଲିସ ପାଟ୍ରୋଲିଂ ଦାବି

ରାଉରକେଲା, ୨୩।୬ (ସଙ୍ଗୀତା ଜେନା)

ରାଉରକେଲାରେ ଦିନକୁ ଦିନ ଚୋରି, ଛିନ୍‌ତାଇ ଓ ଅନ୍ୟ ଆପରାଧିକ କାର୍ଯ୍ୟାକଳାପ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ ଭାବେ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳର ବନ୍ଦ ଘରୁ ଚୋରି ହେଉଥିବା ପରିଲକ୍ଷିତ ହେଉଛି। ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ରେଳବାଇ କଲୋନିରେ ପ୍ରାୟ ୨ ମାସରେ ୮-୯ଟି ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରେଳବାଇ କଲୋନିରେ ଗତ ମେ'ରେ ରେଳବାଇ କର୍ମଚାରୀଙ୍କ ଘରୁ ଟିଭି, ସୁନାଗହଣା, ନଗଦ ଟଙ୍କା ଚୋରି ହୋଇଥିଲା। ସ୍ଥାନୀୟ ବାସିନ୍ଦା ବିକାଶ ଜେନାଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ରେଳବାଇ କଲୋନିରେ କର୍ମଚାରୀଙ୍କ ବନ୍ଦ ଘରଗୁଡ଼ିକୁ ଠାବକରି ଚୋରି କରୁଛନ୍ତି। ସ୍ଥାନୀୟ ପୋଲିସ ପକ୍ଷରୁ ଆଖିଦୃଶିଆ ପାଟ୍ରୋଲିଂ କରାଯାଉନାହିଁ। ଏହାଦ୍ୱାରା ଦୁର୍ବୃତ୍ତ ଓ ନିଶାଖୋରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ରାତି ସମୟରେ ଅଞ୍ଚଳରେ ପାଟ୍ରୋଲିଂ କରାଗଲେ ଚୋରି ନିୟନ୍ତ୍ରଣ ହେବ ବୋଲି ଜେନା ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚାରିବାରୁ, ରେଳବାଇ କଲୋନିରେ କିଛି ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଧରାଯିବା ସହ ଚୋରି ସାମଗ୍ରୀ ଜବତ କରାଯାଇଥିଲା। ତେବେ ଆଗାମୀ ଦିନରେ ପୋଲିସ ପାଟ୍ରୋଲିଂ ବୃଦ୍ଧି କରାଯିବ ବୋଲି ଡିଏସ୍‌ପି ମହାପାତ୍ର କହିଛନ୍ତି।

### ସହରରେ ବଢୁଛି ନାବାଳିକା, ନାବାଳକ ନିଖୋଜ ମାମଲା

ରାଉରକେଲା, ୨୩।୬ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ନାବାଳିକା, ନାବାଳକ ନିଖୋଜ ହେବା ଏକ ସାଧାରଣ ବିଷୟ ପାଲଟି ଯାଇଛି। ଏନେଇ ଶହ ଶହ ମାମଲା ଦାୟର ହେଉଛି। ଅନେକ ସମୟରେ କିଛି ନାବାଳିକା ନାବାଳକ ଉଦ୍ଧାର ହେଉଥିବା ବେଳେ ଅନେକଙ୍କ ଖବର ଲଗାଇ ପାରୁନି ପୋଲିସ। ନାବାଳିକା ନାବଳକଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଜୁବେନାଇଲ ଆକ୍ଟ ଅନୁସାରେ, ନାବାଳିକାଙ୍କ ଉପରେ ଅତ୍ୟାଚାର ଭଳି ଅପରାଧ ପାଇଁ ଦଣ୍ଡର ବିଧାନ ରହିଛି। ହେଲେ ସହରରେ ନାବାଳିକା ନାବାଳକ ନିଖୋଜ ହେବା ଘଟଣାରେ ଅଙ୍କୁଶ ଲାଗି ପାରୁନାହିଁ। ତେବେ ତୁରନ୍ତ ନାବାଳିକା ନାବାଳକ ନିଖୋଜ ହେଉଥିବା ଘଟଣାର କାରଣ ଖୋଜି ଏଥିରେ ସମ୍ପୃକ୍ତ ଅପରାଧିଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ରାଉରକେଲା ଡିଆଇଜି ତଥା ଆରକ୍ଷୀ ଅଧିକ୍ଷକ ବ୍ରିଜେଶ କୁମାର ରାୟଙ୍କୁ ପଚାରିବାରୁ, ଏହା ଏକ ସମ୍ବେଦନଶୀଳ ବିଷୟ। ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ପ୍ରକୃତିକୁ ସଙ୍ଗୀତ ଉଜାଗର କରିଥାଏ

ରାଉରକେଲା, ୨୩।୬ (ଦିନେଶ ମିଶ୍ର)

ସହରର ସାଂସ୍କୃତିକ ଅନୁଷ୍ଠାନ ସ୍ୱସ୍ତି ଝଙ୍କାର ଓ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ବିଶ୍ୱ ସଙ୍ଗୀତ ଦିବସ ଅନୁଷ୍ଠିତ ହୋଇଯାଇଛି। ସ୍ୱସ୍ତିର ସମ୍ପାଦକ ରାଜୀବ ପାଣିଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସଙ୍ଗୀତର ସ୍ଥିତି ଓ ସଙ୍ଗୀତ ଥେରାପି ସମ୍ପର୍କରେ ଅତିଥି ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ଉପଦେଷ୍ଟା ଡାକ୍ତର କୃପାସିନ୍ଧୁ ନାୟକ ଓ ପାଠାଗାରର ପ୍ରଫେସର ଗିରିଜା ଶଙ୍କର ଗୋସ୍ୱାମୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ସଙ୍ଗୀତ ସମାରୋହରେ ସହରର ବିଶିଷ୍ଟ ସଙ୍ଗୀତଜ୍ଞ ବି.ବୁଦ୍ଧ ପ୍ରସାଦ ରାଓ, ବୀଣାପାଣି ରଥ, ସୁଶ୍ରୀ ଅର୍ଚ୍ଚନା ମହାରଣା, ପ୍ରଦୀପ ମହାରାଣା, ପ୍ରଦୀପ ପଣ୍ଡା ଓ ଡାକ୍ତର ସୁଶାନ୍ତ ପାଣି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସମାରୋହରେ ବାଦ୍ୟଯନ୍ତ୍ରରେ ବି.ଚନ୍ଦ୍ର ଶେଖର ରାଓ, ବଂଶୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଶରତ ଧଳ ଓ ବହୁ ସଙ୍ଗୀତ ପ୍ରେମୀ ଉପସ୍ଥିତ ଥିଲେ।



ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ପ୍ରତିଯୋଗୀମାନେ ସନ୍ତରଣ କରୁଛନ୍ତି।

# ସନ୍ତରଣ ପ୍ରତିଯୋଗିତାରେ ୧୭୪ ପ୍ରତିଯୋଗୀ

ରାଉରକେଲା, ୨୩।୬ (ସଙ୍ଗୀତା ଜେନା)

ରାଉରକେଲା ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍‌ରେ ପ୍ରଥମ କରି ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଛି। ଓଡ଼ିଶା ସୁଇମିଂ ଫେଡେରେଶନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁନ୍ଦରଗଡ଼ ଜିଲା ସୁଇମିଂ ଆସୋସିଏଶନ ପକ୍ଷରୁ ଉକ୍ତ ସନ୍ତରଣ ପ୍ରତିଯୋଗିତା ରବିବାର ପୂର୍ବାହ୍ନରେ କରାଯାଇଥିଲା। ଜୁନିୟର, ସବ୍ ଜୁନୟର, ସିନିୟର ବର୍ଗରେ ଏହି ପ୍ରତିଯୋଗିତା ହୋଇଥିଲା। ୧୦ ରୁ ୧୮ ବର୍ଷ ତଦୁର୍ଦ୍ଧ ପ୍ରାୟ ୧୭୪ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୭୫ ଜଣ ପୁରୁଷ ବର୍ଗ ଓ ୯୯ ଜଣ ମହିଳା ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଫ୍ରି ଷ୍ଟାଇଲ୍‌ର ( ୫୦, ୧୦୦ ଓ ୨୦୦ ମିଟର), ବ୍ୟାକ ଷ୍ଟ୍ରୋକ୍‌ର ( ୫୦ ଓ ୧୦୦ ମିଟର) , ବେଶ୍ ଷ୍ଟ୍ରୋକ୍‌ର ( ୫୦ ମିଟର) ଏବଂ ବଟରଫ୍ଲାଏ ଷ୍ଟାଇଲ୍‌ରୁ ( ୫୦ ମିଟର) ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହୋଇଥିବା ଉକ୍ତ ସନ୍ତରଣ ପ୍ରତିଯୋଗିତାରେ ମୋଟ ୮୧ ଇଭେଣ୍ଟରେ ବିଭିନ୍ନ ବର୍ଗ ଅନୁଯାୟୀ ୫୦ ରାଉଣ୍ଡରେ ଏହା ସମ୍ପନ୍ନ ହୋଇଥିଲା। ଉକ୍ତ ପ୍ରତିଯୋଗିତାର ଉଦଘାଟନ ଅବସରରେ ମୁଖ୍ୟ ଅତିଥିଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଷ୍ଟାଡ଼ିୟମ୍‌ର ନିର୍ମାଣ ଓ ଜିଲାରେ ସନ୍ତରଣ ପ୍ରତି ରୁଚି ବୃଦ୍ଧି ପାଉଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ଅଭିଜିତ୍ ମହାନ୍ତ, ସୁନ୍ଦରଗଡ଼ ଜିଲା ସନ୍ତରଣ ସଂଘର ସଭାପତି ପ୍ରଦୀପ ପାଢ଼ୀ, କୋଷାଧ୍ୟକ୍ଷ ବିଜୟ ଦୀକ୍ଷିତ୍, ଜେଏସ୍‌ଡବ୍ଲ୍ୟୁର ସଂଯୋଜକ ସୁଜୟ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ତରଣ ସଂଘର ସଦସ୍ୟମାନେ ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନେ ଜୁଲାଇ ୯ରୁ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

**ବିର୍ସାମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ୍**

# ଅନ୍ତର୍ଜାତୀୟ ଗୃହଶ୍ରମିକ ଦିବସ

ରାଉରକେଲା, ୨୩।୬ (ସଙ୍ଗୀତା ଜେନା)

ନିଖିଳ ଓଡ଼ିଆ ଗୃହ ମଜଦୁର ସଭା ପକ୍ଷରୁ ବିଶ୍ରା ରୋଡ ସ୍ଥିତ ରାଉରକେଲା ମଜଦୁର ସଭାର ସଭାଗୃହରେ ରବିବାର ଅପରାହ୍ନରେ ଅନ୍ତର୍ଜାତୀୟ ଗୃହ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ତଥା ରାଜ୍ୟ ହିନ୍ଦ୍ ମଜଦୁର ସଭା ସମ୍ପାଦକ ଦିଗାମ୍ବର ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରାଜ୍ୟଶ୍ରମ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ନାୟକ, ସମ୍ମାନିତ ଅତିଥି ଭାବେ ଡା. ପୂଜା ପତି, ଇଏସ୍‌ଆଇସି ହସ୍ପିଟାଲ୍‌ର ମେଡିକାଲ ଅଫିସର ଡା. ପ୍ରଣତି ପାତ୍ର, ଶ୍ରମ ଅଧିକାରୀ ହେମନ୍ତ ପ୍ରଧାନ, ଏନ୍‌ଏସ୍‌ପିସିଏଲ୍ ଏମ୍ପ୍ଲୟିଜ୍ ଆସୋସିଏଶନ୍‌ର ସଭାପତି ହରେକୃଷ୍ଣ ପାଢ଼ୀ, ଆଇଡିଏଲ୍ ମଜଦୁର ସଭାର ସମ୍ପାଦକ ଅରୁଣ ପରିଡ଼ା, ଏଚ୍‌ଏମ୍‌ଏସ୍‌ର ନାରୀନେତ୍ରୀ ମୀନତୀ ବିଶ୍ୱାଳ, ବିଜେଡି ନଗର ସଭାପତି ଗଗନ ପଣ୍ଡା, ନିଖିଳ ଓଡ଼ିଶା ଗୃହ ମଜଦୁର ସଭାର କାର୍ଯ୍ୟକାରୀ ସଭାନେତ୍ରୀ ପ୍ରମିଳା କିଣ୍ଡୋ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗୃହ କର୍ମଚାରୀଙ୍କୁ ସାପ୍ତାହିକ ଛୁଟି, ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ କାର୍ଯ୍ୟରୁ ବାହାର କରାଯାଉଥିବା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ମୁଖ୍ୟ ଅତିଥି ନାୟକ ଏହି କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା, ଅସଂଗଠିତ ଶ୍ରମିକ ପରିଚୟ ପତ୍ର ପ୍ରଦାନ ଓ ସେମାନଙ୍କୁ ସାହାଯ୍ୟ ମନୋବୃତ୍ତି ନେଇ ନାମ ପଞ୍ଜୀକରଣ କରିବା, ସେମାନଙ୍କ ସୁବିଧାପାଇଁ ସେମାନେ ରହଥିବା ଅଞ୍ଚଳରେ ଏହି ପଞ୍ଜୀକରଣ କରିବା ଆଦିକୁ ଶତପ୍ରତିଶତ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୃନ୍ଦା ବାରିକ, ଜ୍ୟୋତ୍ସ୍ନା ପାଲ୍, ସୁରୁବାଲୀ ବାଗ, ମୁକ୍ତା ବାଗ ଓ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ରୁ ୨୦ ଜଣ ସମେତ ସ୍ଥାନୀୟ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ। ବରିଷ୍ଠ ନେତା ମହେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଗୃହଶ୍ରମିକ ଦିବସରେ ଯୋଗଦେଇଥିବା ଅତିଥି।

# ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସଚେତନତା କାର୍ଯ୍ୟକ୍ରମ



ଠିକା ଶ୍ରମିକଙ୍କ ସହିତ ଅଧିକାରୀମାନେ।

ରାଉରକେଲା, ୨୩।୬ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପି ଓଡିଶା ଗ୍ରୁପ ଅଫ ମାଇନ୍ସ ଅଧୀନ ବରସୁଆଁ-ଡାଲଡିହ ଓ କାଲଟା ଆଇରନ ମାଇନ୍ସ ଠିକା ଶ୍ରମିକଙ୍କ ସିଲିକୋସିସ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ମହତ୍ତ୍ୱ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଟେନସା କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର କ୍ଷେତ୍ର-୨ର ଡିଏମଏସ ପି.କେ ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହିତ ବରସୁଆ-ଡାଲଡିହ-କାଲଟା ମାଇନ୍ସ ବିଭାଗର ଜିଏମ ଇନଚାର୍ଜ ତିଳକ ପଟ୍ଟନାୟକ, ବରସୁଆଁ ଆଇରନ ମାଇନ୍ସର ଜିଏମ ତଥା ମାଇନ୍ସ ମ୍ୟାନେଜର ପିସି ବରୁଆ, ଡାଲଡିହ ଆଇରନ ମାଇନ୍ସ ସାଧାରଣ ପରିଚାଳକ ରାଜେଶ କୁମାର, କାଲଟା ଆଇରନ ମାଇନ୍ସ ସିନିୟର ମ୍ୟାନେଜର ଓ ସୁରକ୍ଷା ଅଧିକାରୀ କେ. ଗଡନାୟକ, ୟୁନିଅନ ପ୍ରତିନିଧି ଯଶବନ୍ତ ବେହେରାଙ୍କ ସମେତ ସଂପୃକ୍ତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ତିଳକ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ବର୍ଣ୍ଣନା କରିଥିଲେ। ପି.ବରୁଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ମଣ୍ଡଳର ମେଡିକାଲ ଅଧିକାରୀ ଡ. ସୟ ସୋରେଙ୍ଗ ଏହି ପ୍ରସଙ୍ଗରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ପି.ସି ବରୁଆ ସିଲିକୋସିସର ସ୍ୱାସ୍ଥ୍ୟ ପ୍ରଭାବ, ପ୍ରାଥମିକ ଚିହ୍ନଟ ଏବଂ ପ୍ରତିରୋଧ ପର୍ଯ୍ୟାୟ କ୍ରମରେ ଡାକ୍ତରୀ ପରୀକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ ବରସୁଆ ଆଇରନ ମାଇନ୍ସ ଏଜିଏମ ଏବଂ ସୁରକ୍ଷା ଅଧିକାରୀ ଏସ.କେ ପରିଡା ସଂଯୋଜନା କରିଥିଲେ। ଡାଲଡିହ ଆଇରନ ଖଣି ଓ ମାଇନ୍ସ ଏଜିଏମ କେ.ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଶନିଶ୍ଚର ନାମଯଜ୍ଞ ଆରମ୍ଭ

ରାଉରକେଲା, ୨୩।୬ (ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ କାଳୀମନ୍ଦିର ପରିସରରେ ଶନିଶ୍ଚର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞକୁ ମନ୍ଦିରର ମୁଖ୍ୟ ପୂଜକ ବାବୁ ମିଶ୍ର ପରିଚାଳନା କରିଥିଲେ। ପ୍ରାତଃ ସମୟରେ ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ଶନିଦେବଙ୍କ ଷୋଡଶ ଉପଚାର ପୂଜା କରାଯାଇ ଥିଲା। ପରେ ଶନିଦେବଙ୍କୁ ରାଶିତେଲ ସାଙ୍ଗକୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ବିଶ୍ୱଶାନ୍ତି ପାଇଁ ସାମୂହିକ ଶନିଶ୍ଚର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଘୃତ, ନାରିକେଳ, ଦୀପ, ଧୂପ ସମର୍ପଣ କରି ଶନିଦେବଙ୍କ କୃପାଲାଭ କରିଥିଲେ। ସନ୍ଧ୍ୟାରେ ଶନିଶ୍ଚର ଦେବଙ୍କ ଆଳତି କରାଯିବା ପରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନାତନ ପ୍ରଧାନ, ରଞ୍ଜିତ ନାୟକ, ଗୋକୁଳାନନ୍ଦ ପଣ୍ଡା, ଗୌରହରି ରଥଙ୍କ ସହ ଶନି ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ରଘୁନାଥପାଲି ବିଧାୟକଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ




ତିଳକାନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଧିକାରୀଙ୍କ ସହିତ ବିଧାୟକ ଆଲୋଚନା କରୁଛନ୍ତି।

ରାଉରକେଲା, ୨୩।୬ (ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ରବିବାର ପୂର୍ବାହ୍ନରେ ତିଳକାନଗର ଅର୍ବାନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ମେଡିକାଲ ଅଧିକାରୀ ଅନୁପସ୍ଥିତ ଥିବା ଜାଣି ବିଧାୟକ ଅପେକ୍ଷା କରିଥିଲେ। ବହୁ ବିଳମ୍ବରେ ମେଡିକାଲ ଅଧିକାରୀ ପ୍ରୀମେଶ ମିଶ୍ର ଆସିବା ପରେ ଆଗକୁ ସମୟାନୁବର୍ତ୍ତିତା ଭାବେ କାମ କରିବାକୁ ତାଗିଦ କରିଥିଲେ। ଏଥିସହ ରୋଗୀଙ୍କ ସେବାରେ କୌଣସି ପ୍ରକାର ଅବହେଳା ବରଦାସ୍ତ କରାଯିବ ନାହିଁ ବୋଲି ସୂଚାଇଥିଲେ। ପରେ ବିଧାୟକ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ବିଜୁଳି ସମସ୍ୟା, ପାଣି, ସ୍କୁଲ ଷ୍ଟାଫ ମାନଙ୍କର ଟଏଲେଟ ସମସ୍ୟା ଉପରେ ଅବଗତ ହୋଇ ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଧାୟକ ସ୍କୁଲ ପରିସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ସେକ୍ଟର-୩ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ମିଶ୍ର, ଅଶୋକ ହାଲୱାଇ, ଲଖନ ଲୋହାର, ଗୋପାଳ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

# ରାଉରକେଲାର ନବକିଶୋର ରାଷ୍ଟ୍ରୀୟ ପୁରସ୍କାରରେ ସମ୍ମାନିତ



ନବକିଶୋରଙ୍କୁ ରାଷ୍ଟ୍ରୀୟ ପୁରସ୍କାରରେ ସମ୍ମାନିତ କରାଯାଉଛି।

ରାଉରକେଲା, ୨୩।୬ (ଦିନେଶ ମିଶ୍ର)

ଉତ୍ତରପ୍ରଦେଶ ରାଜ୍ୟର ଅଯୋଧ୍ୟାରେ ହୋଇଥିବା ବିଶ୍ୱ ଯୋଗ ମହାକୁମ୍ଭରେ ରାଉରକେଲାର ନବକିଶୋର ଧବଳଙ୍କୁ ସ୍ୱାମୀ ଧୀରେନ୍ଦ୍ର ବ୍ରହ୍ମଚାରୀ ଯୋଗଶ୍ରୀ ରାଷ୍ଟ୍ରୀୟ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି କାର୍ଯକ୍ରମ ଅଯୋଧ୍ୟାର ରାମ ଅଡିଟୋରିୟମ୍ କକ୍ଷରେ ଅନୁଷ୍ଠିତ ହୋଇଥିବାବେଳେ ଏହାକୁ ଅଖିଳ ଭାରତୀୟ ଯୋଗ ଶିକ୍ଷକ ମହାସଂଘ ଓ ଅଖିଳ ଭାରତୀୟ ଯୋଗାସନ୍ ସ୍ପୋର୍ଟ୍ସ ଫେଡେରେଶନ୍ ପକ୍ଷରୁ ଆୟୋଜିତ କରାଯାଇଥିଲା। ଏଥିରେ ରାଉରକେଲା ରେଲୱେ କଲୋନୀରେ ଥିବା ଓମ୍ ଯୋଗସେଣ୍ଟର ଯୋଗ ଶିକ୍ଷକ ନବକିଶୋର ଧବଳ ବିଶ୍ୱଯୋଗ ମହାକୁମ୍ଭରେ ଭାଗ ନେଇଥିଲେ। ଏହି ଯୋଗ ମହାକୁମ୍ଭରେ ରାଜସ୍ଥାନ, ଓଡିଶା, ତ୍ରିପୁରା, ପଞ୍ଜାବ ଭଳି ପ୍ରାୟ ୧୮ଟି ରାଜ୍ୟରୁ ୧୫ଶହରୁ ଊର୍ଦ୍ଧ୍ୱ ଯୋଗ ପ୍ରଶିକ୍ଷକ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ସେଥିରୁ ରାଉରକେଲାର ଯୋଗ ଶିକ୍ଷକ ନବକିଶୋରଙ୍କ ଉତ୍ତମ ଯୋଗ ପ୍ରଦର୍ଶନ ଯୋଗୁ ତାଙ୍କୁ ସ୍ୱାମୀ ଧୀରେନ୍ଦ୍ର ବ୍ରହ୍ମଚାରୀ ଯୋଗଶ୍ରୀ ରାଷ୍ଟ୍ରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କର ଏଭଳି ସଫଳତା ଯୋଗୁ ସହରରେ ଥିବା ବିଭିନ୍ନ ଯୋଗକେନ୍ଦ୍ର ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଅନ୍ୱେଷା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା, ୨୩।୬ (ଦିନେଶ ମିଶ୍ର)

ରାଉରକେଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ସଭାପତି କଳ୍ପନା ଶତପଥୀଙ୍କ ସଭାପତିତ୍ୱରେ ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ୩ଟି ପର୍ଯ୍ୟାୟରେ ବିଭିନ୍ନ ସାମାଜିକ ଉନ୍ନତି ମୂଳକ କାର୍ଯ୍ୟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପାନପୋଷ ଉପଖଣ୍ଡର ବନରକ୍ଷୀ ଜ୍ଞାନେନ୍ଦ୍ର କୁମାର ଲିମା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବେଦବ୍ୟାସ ଟ୍ରଷ୍ଟର ଟ୍ରଷ୍ଟି ଗୋଲାପ ଚନ୍ଦ୍ର କୌଶିକ, ଗୁରୁକୁଳ ବୈଦିକ ଆଶ୍ରମର ଟ୍ରଷ୍ଟି ଅଶୋକ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସ୍ୱର୍ଗତ ପତିତପାବନ ମଣ୍ଡଳଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବେଦବ୍ୟାସ ସ୍ୱର୍ଗଦ୍ୱାର ସମ୍ମୁଖରେ ଏକ ମାଗଣାହାଟ ପ୍ରଦର୍ଶିତ ହୋଇଥିଲା। ସ୍ୱର୍ଗଦ୍ୱାରରେ ହରିଶ୍ଚନ୍ଦ୍ର ସେବା ଯୋଗାଇ ଦେଉଥିବା ବିଭିନ୍ନ ସଦସ୍ୟ ଓ ସ୍ଥାନୀୟ ଗରୀବ ଅସହାୟ ଲୋକମାନେ ହାଟରେ ପଦର୍ଶିତ ହୋଇଥିବା ଶାଢ଼ୀ, ଛତା, ଶିଶୁମାନଙ୍କ ପୋଷାକ ସହ ବିଭିନ୍ନ ଘରୋଇ ଆସବାପତ୍ରକୁ ମାଗଣାରେ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ବୃକ୍ଷରୋପଣ କରିଥିଲେ। ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ସହ ସମୁଦାୟ ୩୬ଟି ବୃକ୍ଷ ରୋପଣ କରାଯାଇଥିଲା। ପରିବେଶକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ଅଧକ୍ଷ ପଣ୍ଡା ବେଶ ପ୍ରଶଂସା କରିଥିଲେ। ସେହିଭଳି ତୃତୀୟ ପର୍ଯ୍ୟାୟରେ ଅନୁଷ୍ଠାନର ୧୦୨ତମ ସାମୂହିକ ଜନ୍ମଦିନ ପାଳନ କରାଯାଇଥିଲା। ଏଥିରେ ଗୁରୁକୁଳ ବୈଦିକ ଆଶ୍ରମର ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ହୋମଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ହୋମଯଜ୍ଞକୁ ପଣ୍ଡିତ ସୁରେନ୍ଦ୍ର ଉପାଧ୍ୟାୟ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକୁ ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ପୂଜା ପ୍ରସାଦ, ବିଜୟଲକ୍ଷ୍ମୀ ତ୍ରିପାଠୀ, ଶୁଭଶ୍ରୀ ସ୍ୱାଇଁ, ଅର୍ଚ୍ଚନା ଦେବତା, ଅର୍ଚ୍ଚନା ଶତପଥୀ, ରୋବର୍ଟ ହାଇହୁଇଲ୍, ରଞ୍ଜନ ସାହୁ, ମଞ୍ଜୁବାଳା ପାଢ଼ୀ, ପ୍ରକାଶ ରାଓ, ତରୁଲତା ସାମଲ, ଇଞ୍ଜିନିୟର ପ୍ରକାଶ ରାଓ, ରୋଜାଲିନ୍ ଜେନା, ଚନ୍ଦ୍ର ଶେଖର ଶତପଥୀ, ଉପେନ୍ଦ୍ର ବସ୍ତିଆ, ରାମଚନ୍ଦ୍ର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଦସ୍ୟ ଦିବାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା।

## ସଂକ୍ଷେପରେ

### ପ୍ରେମ, ବଳାତ୍କାର ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରି ଯୁବକ ଗିରଫ

ଦେବଗଡ଼,୨୩।୬(ଶଶାଙ୍କ ଶେଖର ଝାଙ୍କର)

ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବାରମ୍ବାର ବଳାତ୍କାର କରିବା ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରି ଦେବଗଡ ଥାନା ପୋଲିସ ଜଣେ ଯୁବକ



ଗିରଫ ହୋଇଛି। ଗିରଫ ଯୁବକ ହେଲେ ଗୁଣ୍ଡୁରିପୋଷି ଗ୍ରାମର ଅନିଲ ସାହୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ଗୁଣ୍ଡୁରିପୋଷି ଗ୍ରାମର ଅନିଲ ପ୍ରାୟ ୨ ବର୍ଷ ପୂର୍ବେ ଅଞ୍ଚଳର ଜଣେ ଆଦିବାସୀ ଯୁବତୀଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା କରିବା ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ୨୦୨୩ ମେ ୮ ତାରିଖରେ ଯୁବତୀଙ୍କ ଘର ପଛକୁ ଆସି ଯୁବତୀଙ୍କୁ ଡାକିବା ସହ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରି ଭିଡିଓ ଉତ୍ତୋଳନ କରିଥିଲେ। ପରବର୍ତ୍ତୀ ସମୟରେ ଭିଡିଓ ଭାଇରାଲ କରିବା ଧମକ ଦେଇ ବିଭିନ୍ନ ପର୍ଯ୍ୟାୟରେ ଯୁବତୀଙ୍କଠାରୁ ୩୦ ହଜାର ଟଙ୍କା ଆଦାୟ କରିବା ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ତେବେ କିଛିଦିନ ହେଲା ଯୁବତୀ ଜଣକ ସମ୍ପର୍କ ଛିନ୍ନ କରିବାରୁ ଅନିଲ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଅନ୍ୟପକ୍ଷରେ ଯୁବତୀ ଗତ ବୁଧବାର ତାଙ୍କ ବଡ ଭଉଣୀଙ୍କ ସହିତ ରମ୍ଭାଦେବୀ ଯାତ୍ରା ଦେଖିବାକୁ ଆସିଥିବା ବେଳେ ଅନୀଲ ତାଙ୍କୁ ଜଙ୍ଗଲକୁ ଯିବା ପାଇଁ ଡାକିଥିଲେ। ମନା କରିବାରୁ ସର୍ବ ସମ୍ମୁଖରେ ତାଙ୍କୁ ହଇରାଣ କରିଥିଲେ। ଏ ନେଇ ଯୁବତୀ ଗତ ୨୦ ତାରିଖ ଦେବଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ କହିଛନ୍ତି।

# ଆଲୋକ, ମଣ୍ଡପ ସାଜସଜ୍ଜା ଉପରେ ଗୁରୁତ୍ୱ

## ଦେବଗଡ଼ ସାର୍ବଜନୀନ ଗଣେଶ ମେଳା କମିଟିର ନୂତନ କର୍ମକର୍ତ୍ତା ମନୋନୟନ

ଦେବଗଡ଼,୨୩।୬(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ରବିବାର ରାଜ୍ୟର ଅନ୍ୟତମ ଗଣେଶ ମେଳା ଆୟୋଜନକାରୀ ଦେବଗଡ ସାର୍ବଜନୀନ ଗଣେଶ ମେଳା କମିଟିର ଏକ ବୈଠକ ଏବଂ ନୂତନ କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କମିଟିର ସଭାପତି ସମ୍ଭୁନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗତବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନା କରାଯାଇଥିଲା। ଏଥିସହ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଉମାଶଙ୍କର ସାହୁ, ଉପସଭାପତି ଭାବେ ଜନ୍ମାଜୟ ନାୟକ, ସାଧାରଣ ସମ୍ପାଦକ ଭାବେ ସୁରଞ୍ଜିତ ମହାପାତ୍ର, ସହ ସମ୍ପାଦକ ଭାବେ ପ୍ରଭାତ କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ପ୍ରଜିତ କୁମାର ଭୋଜ ଓ ସହ କୋଷାଧ୍ୟକ୍ଷ ଭାବେ କୃଷ୍ଣଚନ୍ଦ୍ର ମେହେରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ଆଇନ ପରାମର୍ଶ ଦାତା ଭାବେ ଆଲୋକ ସୌରଭ ବେହେରା,



କାର୍ଯ୍ୟକାରୀ ସଦସ୍ୟ ଭାବେ ସୁଶୀଳ କୁମାର କପରଦାର, ସମ୍ଭୁନାଥ ଗୋଏଲ, ରାଜକିଶୋର ଦାଶ, ଗୋପାଲ ଅଗ୍ରୱାଲା, ପୂର୍ଣ୍ଣଚନ୍ଦ୍ର ସାହୁ, ଗୌତମ ସାମଲ, ଶୁକଦେବ ଭଞ୍ଜ, ଅଜୟ କୁମାର ମିଶ୍ର, ଅରୁଣ କୁମାର ଗୋଏଲ, ହରେକୃଷ୍ଣ ସାହୁ, ସୁଶୀଳ କୁମାର ଭୋଇ, ବିରେନ କୁମାର ନାୟକ, ଅନନ୍ତ ଦାଶ ଓ ସୁଧିର କୁମାର ପାତ୍ର ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଅନ୍ୟବର୍ଷ ତୁଳନାରେ ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରାଯିବା ନମିନ୍ତେ ତୋରଣ ଏବଂ ବିଦ୍ୟୁତ୍ ଆଲୋକ ସଜ୍ଜା ସମେତ ପୂଜା ମଣ୍ଡପ ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ନୂତନ ସଭାପତି ସାହୁ ପ୍ରକାଶ କରିବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ୨୬୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବିତରଣ

## ହିଣ୍ଡାଲ୍‌କୋରେ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୨୩।୬(ପ୍ରମୋଦ ବହିଦାର)

ହିଣ୍ଡାଲକୋ ପକ୍ଷରୁ ସ୍ଥାନୀୟ ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଏକ ସ୍ୱାସ୍ଥ୍ୟ ଶିବର ଆୟୋଜିତ ହୋଇଯାଇଛି। ହିଣ୍ଡାଲକୋ ଖଣି ଓ ବିତ୍ତ ତଥା ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ହୀରାକୁଦ ହିଣ୍ଡାଲକୋର ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଅତିଥିଭାବେ ଯୋଗଦେଇ ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ, ମହମ୍ମଦପୁର ହାଇସ୍କୁଲର ବରିଷ୍ଠ ଶିକ୍ଷକ ଅନିଲ ମିଶ୍ର ଶୁଭାରମ୍ଭ କରିଥିଲେ। ଏଥିରେ ନଟୁ ବିଶ୍ୱାଳ, କ୍ଷମା ସାଗର ସାହୁ, ଦୀପକ ଭୋଇ, ମିତ୍ରଭାନୁ ପୋଡ଼, ହିଣ୍ଡାଲକୋ ଆଇଆର୍ ମୁଖ୍ୟ ସତ୍ୟପ୍ରକାଶ ଦାଶ, କର୍ପୋରେଟେ ଆଫାୟାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ଶ୍ରମିକ ସଙ୍ଗଠନ ପକ୍ଷରୁ ସରୋଜ ମହାନ୍ତି ଓ ଜିତେନ୍ଦ୍ର ପଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ, ମିତ୍ରଭାନୁ ପୋଢ଼, ନଟୁ ବିଶ୍ୱାଳ ହିଣ୍ଡାଲକୋର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ସାହୁ ହିଣ୍ଡାଲକୋର ସିଏସ୍‌ଆର ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆଗକୁ ଜାରି ରଖିବ ବୋଲି କହିଥିଲେ। ଡା. ସୁବ୍ରତ ଚାଟାର୍ଜୀ ନେତୃତ୍ୱରେ ଡା. ତ୍ରିଲୋଚନ ବାରିକ, ଡା. ପଦ୍ମାଳୟା ମିଶ୍ର, ଡା. ହିମାଂଶୁ ନାୟକ, ଡା. ସୋନାଲି ରାଠୋର, ଡା. ହିମାଂଶୁ ଶେଖର ସିଂ, ଡା. ମାନସ ରଞ୍ଜନ ମିଶ୍ର, ଡା. ରାମ ଗୋପାଳ ପାଣିଗ୍ରାହୀ ପ୍ରମୁଖ ଅଭିଜ୍ଞ ଡାକ୍ତରୀ ଦଳ ବହୁବିଧ ରୋଗର ଚିକିତ୍ସା କରିବା ସହ ରୋଗୀଙ୍କୁ ଔଷଧ ବିତରଣ କରିଥିଲେ। ଶିବିରର ୨୬୫ଜଣ ମହିଳା ଓ ପୁରୁଷଙ୍କ ସହିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହିଣ୍ଡାଲକୋ ସ୍ୱାସ୍ଥ୍ୟ ସେବା ବିଭାଗର ସତ୍ୟ ପଣ୍ଡାଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା। ହିଣ୍ଡାଲକୋର ଏକ ସ୍ୱାସ୍ଥ୍ୟସେବୀ ଦଳ ଓ ସିଏସଆର ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ଜୟଶ୍ରୀ ରାଓ, ମିଳନ କୁମାର ସାହୁ, ହିଣ୍ଡାଲକୋ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଆତ୍ମବିଶ୍ୱାସ ସଫଳ, ସାହସୀ କରିପାରେ



ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୬(ପ୍ରମୋଦ ବହିଦାର)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଅଭିଯାନର ଏକାଦଶ ସପ୍ତାହ ରବିବାର ଶେଷ ହୋଇଛି। ଲାଇବ୍ରେରୀର ନିଜସ୍ୱ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ କମ୍ପ୍ୟୁଟର ଶିକ୍ଷା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଆଇଜଲ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ରବିନାରାୟଣ ମିଶ୍ର କମ୍ପ୍ୟୁଟରର ବିଭନ୍ନ ପ୍ରୟୋଗ ଉପରେ ପିଲାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ନୀତିଶିକ୍ଷା ପ୍ରସଙ୍ଗରେ ଉତ୍ତମ ଆତ୍ମବିଶ୍ୱାସ କୌଶଳ ଉପରେ ଆଲୋଚନା ହୋଇଥିଲା। ଏଥିରେ ବରଗଡ଼ ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ପ୍ରାକ୍ତନ ଅଧକ୍ଷ ଅକ୍ଷୟ କୁମାର ବାରିକ ବିଶ୍ୱାସ ହିଁ ମଣିଷକୁ ସଫଳତା ଓ ସାହସୀ କରିପାରେ ବୋଲି କହିଥିଲେ। ସେ ତାଙ୍କ ଉଦ୍‌ବୋଧନରେ ପିଲାମାନଙ୍କୁ ନିଜ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ଉପଦେଶ ଦେଇଥିଲେ। ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ପ୍ରଫେସର ସଚିନ୍ଦ୍ର କୁମାର ମିଶ୍ର, ଡା. ଜୟଦେବ ମେହେର, ପୃଥ୍ୱୀରାଜ ମିଶ୍ର, ଅର୍ଜୁନ ରଞ୍ଜନ ପଣ୍ଡା, ଗିରିଧାରୀ ହୋତା, ଡ. ପ୍ରମୋଦ କୁମାର ପଣ୍ଡା, ଶିବଶଙ୍କର ଷଡ଼ଙ୍ଗୀ, ପ୍ରଫେସର କାମଦେବ ସାହୁ, ହରିନାରାୟଣ ପଣ୍ଡା, ମନୋଜ କୁମାର ଧର, ଗୋଲକ ବିହାରୀ ମିଶ୍ରଙ୍କ ସମେତ ଅନେକ ଅଭିଭାବକ ଉପସ୍ଥିତ ଥିଲେ। ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରି ପିଲାଙ୍କ ଶୃଙ୍ଖଳା ବଜାୟ ରଖିବା ପାଇଁ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଜାତୀୟ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଶିବିରରେ ୧୫ଟି ହାଇସ୍କୁଲରୁ ପ୍ରାୟ ୫୭ ଜଣ ଛାତ୍ରୀଛାତ୍ରୀ ଯୋଗ ଦେଇଥିଲେ।

# ବିଜୁ ଏକ୍ସପ୍ରେସ୍ ୱେ ଟୋଲ୍‌ଗେଟ୍‌ରେ ୧୫୦କେଜି ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର,୨୩।୬(ପ୍ରମୋଦ ବହିଦାର)

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେ(ରାଜ୍ୟ ରାଜପଥ-୧୦)ର ଶାସନ ଥାନା ପଧାନପାଲି ଟୋଲଗେଟରେ ଚୋରା ଚାଲାଣ ବେଳେ ସମ୍ବଲପୁର ଅବକାରୀ ବିଭାଗ ୧୫୦କେଜି ଗଞ୍ଜେଇ ଧରିଛି। ଏକ ସ୍କର୍ପିଓ(ଜେଏଚ୍-୧୩-ଜି-୬୪୫୪)ରେ ୪ଟି ଧଳା ଜରିବସ୍ତାରେ ଗଞ୍ଜେଇକୁ ଚାଲାଣ କରାଯାଉଥିଲା। ଚାଲାଣ କରୁଥିବା ଅଭିଯୋଗରେ ଝାଡ଼ଖଣ୍ଡ ରାଜ୍ୟ ପାଲାମୁ ଜିଲା ଗାହୋରା ଗ୍ରାମର ବିନ୍ଧ୍ୟାଞ୍ଚଳ ସିଂ(୨୨) ଓ ପିଡ଼ିଆ ଗ୍ରାମର ଜିତେନ୍ଦର କୁମାର ମେହେତା(୨୫)ଙ୍କୁଗିରଫ କରାଯାଇଛି।

ସୂଚନା ଅନୁସାରେ ଫୁଲବାଣୀରୁ ଝାଡ଼ଖଣ୍ଡକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସମ୍ବଲପୁର ଅବକାରୀ ବିଭାଗ କର୍ମଚାରୀମାନେ ଟୋଲଗେଟ୍ ନିକଟରେ ଛକି ରହିଥିଲେ। ଏହି ସମୟରେ ସେହିବାଟ ଦେଇ ଝାଡ଼ଖଣ୍ଡ ନମ୍ବର ଥିବା ଉକ୍ତ ସ୍କର୍ପିଓ ଆସୁଥିବା ଦେଖି ଏହାକୁ ବିଭାଗୀୟ କର୍ମଚାରୀମାନେ ଅଟକାଇଥିଲେ। ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅବକାରୀ ବିଭାଗ ଚୋରା ଚାଲାଣରେ ବ୍ୟବହୃତ ସ୍କର୍ପିଓ ଓ ଅଭିଯୁକ୍ତମାନଙ୍କଠାରୁ ମିଳିଥିବା ଦୁଇଟି ସ୍ମାର୍ଟଫୋନକୁ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(୬୨/୨୦୨୪-୨୫)ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଭାଜପା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ

ଦେବଗଡ଼,୨୩।୬(ଶଶାଙ୍କ ଶେଖର ଝାଙ୍କର)

ଓଡିଶାରେ ବହୁମତ ପାଇ ଭାଜପା ପ୍ରଥମ ଥର ସରକାର ଗଠନ କରିବା ସହ କେନ୍ଦ୍ରରେ ତୃତୀୟ ଥର ପାଇଁ ସରକାର ଗଢିବାରେ ସଫଳ ହୋଇଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ବିଜୟ ଖୁସିରେ ଜିଲା ଭାଜପା ପକ୍ଷରୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆ, କାଉନଶିଲର କାର୍ଥୀକ ମହାକୁଳ, ମଧୁସୂଦନ ବାଘ, ଅବିନାଶ ପ୍ରଧାନ, ସୁଶୀଳ ଭୋଇ, ବିରେନ ନାୟକ, ଲିଟୁ ପ୍ରଧାନ, ପୁନିଆ ମୁଣ୍ଡା, ଝସକେତନ ଜେନା, ରାଜେଶ ନାଏକ, ଲିପୁନ ସୁହୁଲାଙ୍କ ସମେତ ବହୁ ନେତା ଓ କର୍ମୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଶତାଧିକ ରୋଗୀ ଏବଂ ସମ୍ପର୍କୀୟମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏଥିସହ ସମସ୍ତ ରୋଗୀ ଯେଭଳି ଉତ୍ତମ ଚିକିତ୍ସା ପାଇ ପାରିବେ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ ପାଇଁ ଜିଲା ଭାଜପା କର୍ମକର୍ତ୍ତା ଏକତ୍ର ହୋଇଛନ୍ତି।

### ସମୀକ୍ଷା କଲେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ

କୁଚିଣ୍ଡା,୨୩।୬(ବିରଞ୍ଚି ଦର୍ଶା)

କୁଚିଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ରବିବାର ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିରେ କୁଚିଣ୍ଡା ବିଡିଓ ନିରଞ୍ଜନ ସା, ଜମନକିରା ବିଡିଓ ରୀନା ନାଏକ, ବାମରା ବିଡିଓ ପୁଷ୍ପକ ପ୍ରଧାନଙ୍କ ସମେତ ସମସ୍ତ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ମୁଖ୍ୟତଃ ଗରିବ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଯେଭଳି ବଞ୍ଚିତ ନ ହୁଅନ୍ତି ସେ ଦିଗରେ ଧ୍ୟାନ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗଣମାଧ୍ୟମକୁ ମନ୍ତ୍ରୀ କହିଥିଲେ ଯେ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ମିଳିବ। ଭାଜପାକୁ ଲୋକ ବିଶ୍ୱାସ କରି ଭୋଟ ଦେଇଛନ୍ତି। ପୂର୍ବ ସରକାର ସମୟରେ ଅମଲା ଶାସନ ଯୋଗୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଆସୁଥିଲା। ଆଜି ରାଜ୍ୟରେ ଭାଜପାର ମୋହନ ମାଝୀ ସରକାର ଆସିଛି। ତେଣୁ ଲୋକଙ୍କ ପାଇଁ ଏ ସରକାର କାମ କରିବାକୁ ସଙ୍କଳ୍ପ ନେଇଥିବା ମନ୍ତ୍ରୀ ନାଏକ କହିଛନ୍ତି।

# ଇତାଭଟା ପ୍ରାଥମିକ ବିଦ୍ୟାଳୟରୁ ଚୋରି

ବ୍ରଜରାଜନଗର,୨୩।୬(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଇତାଭଟା ପ୍ରାଥମିକ ବିଦ୍ୟାଳୟରୁ ଚାରି ଗୋଟି ସିଲିଙ୍ଗ ପଙ୍ଖା ଚୋରି ହୋଇଛି। ଏ ନେଇ ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗ୍ରୀଷ୍ମ ଅବକାଶ ସରିବା ପରେ ଗତ ୨୧ ତାରିଖରେ ବିଦ୍ୟାଳୟ ଖୋଲିବା ପରେ ବିଦ୍ୟାଳୟ କ୍ଲାସରୁମଗୁଡିକରେ ୪ଟି ସିଲିଙ୍ଗ ଫ୍ୟାନ ନ ଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ଜାଣିବାକୁ ପାଇଥିଲେ। ଏହି ଚାରିଗୋଟି ଫ୍ୟାନ ଚୋରି ହୋଇଥିବା ଜାଣି ଇଟାଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତି ଜୟପୁରିଆ ବ୍ରାଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏହାକୁ ନେଇ ବ୍ରଜରାଜନଗର ଥାନରେ ଏକ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

# ବାଲ୍ୟ ସଂସ୍କାର ଶିବିରରେ ୪୦ ପ୍ରତିଯୋଗୀ

ସମ୍ବଲପୁର,୨୩।୬(ପ୍ରମୋଦ ବହିଦାର)

ଭାରତ ବିକାଶ ପରିଷଦ ହୀରାକୁଦ ଶାଖା ପକ୍ଷରୁ ମହିଳା ସହଭାଗୀତାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାଲ୍ୟ ସଂସ୍କାର ଶିବିର ଅନୁଷ୍ଠିତ ହୋଇଯାଇଛି। ପରିଷଦର ମହିଳା ସଂଯୋଜିକା ସଂଯୁକ୍ତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହୀରାକୁଦ ଶାଖା ସଭାପତି ଇଂ.ବ୍ରହ୍ମାନନ୍ଦ ସାହୁ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଧୁସ୍ମିତା ହୋତା, ଶୁଭଶ୍ରୀ ପୃଷ୍ଟି, ଅଙ୍କିତା ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମନ୍ତ୍ର ଉଚ୍ଚାରଣ, ତର୍କ ଓ କୁଇଜ ପ୍ରତିଯୋଗିତାର ଆୟୋଜନ କରିଥିଲେ। ଏହି ପ୍ରତିଯୋଗିତାଗୁଡିକରେ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କ ପାରଦର୍ଶିତା ଅନୁସାରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଗୁରୁଜୀ, ଗୁରୁମାମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ।



କୃତୀ ଛାତ୍ରୀଛାତ୍ରଙ୍କ ସହ ଭାରତ ବିକାଶ ପରିଷଦ କର୍ମକର୍ତ୍ତା।

# ସମସ୍ତ ପ୍ରତିଶ୍ରୁତି ପୂରଣ ହେବ: ମନ୍ତ୍ରୀ ରବିନାରାୟଣ

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

କୁଚିଣ୍ଡା,୨୩।୬(ବିରଞ୍ଚି ଦର୍ଶା)

କୁଚିଣ୍ଡା ଭାଜପା କାର୍ଯ୍ୟାଳୟରେ ରବିବାର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତେଣୁ ଏକ ପେଡ ମାଁ କେ ଲିଏ କହି ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇଲେ ଯାଇ ଡ.ମୁଖାର୍ଜୀଙ୍କ ପାଇଁ ଅସଲ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ କହିଥିଲେ ଯେ, ଅଞ୍ଚଳବାସୀଙ୍କ ଆଶୀର୍ବାଦ ଯୋଗୁ ଆଜି ତାଙ୍କୁ ମନ୍ତ୍ରୀ ଭାବେ ସେବା କରିବାର ଗୁରୁ ଦାୟିତ୍ୱ ମିଳିଛି। ସମସ୍ତଙ୍କ ସହଯୋଗରେ ରାଜ୍ୟର ବିକାଶ



ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମନ୍ତ୍ରୀ ରବିନାରାୟଣ ନାଏକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ହୋଇ ପାରିବ। ନିର୍ବାଚନ ସଙ୍କଳ୍ପ ପତ୍ରରେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ଭାଜପା ସରକାର ପୂରଣ କରିବ। ତେଣୁ ଧୈର୍ଯ୍ୟର ସହ ସମସ୍ତଙ୍କୁ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଥିଲେ। ଭାଜପା ଯୁବ ନେତା ପିଙ୍କୁ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶୀଲ କର, ନଗର ସଭାପତି କାହ୍ନୁଚରଣ ନାୟକ, ମଣ୍ଡଳ ସଭାପତି ସୁନୀଲ ଦାଶ, ପୂର୍ଣ୍ଣଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ, ପ୍ରୀତମ ପାଣିଗ୍ରାହୀ, ମହେଶ ରାୟ, ପ୍ରାଣବନ୍ଧୁ ନାଥ, ଚିତ୍ତରଞ୍ଜନ ଭୋଇଙ୍କ ସମେତ ବିଭିନ୍ନ ମଣ୍ଡଳ,ପଞ୍ଚାୟତର ବହୁ ସଂଖ୍ୟକ ଭାଜପା ନେତା ଓ କର୍ମୀ ଏଥିରେ ଯୋଗ ଦେଇଥିଲେ।

# ନିଅଣ୍ଟିଆ ବର୍ଷା, କେନାଲ ବି ଶୁଖିଲା

ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)




ଭେଡ଼େନ କେନାଲ ଶୁଖିଲା ପଡ଼ିଛି। ଗଭୀର ନଳକୂପ ପାଣି ବ୍ୟବହାର କରି କଲାପାଣି ଗ୍ରାମର ଜଣେ ଚାଷୀ ଜମି କାଦୁଅ କରୁଛନ୍ତି।

ବରଗଡ଼ ଏକ କୃଷିପ୍ରଧାନ ଜିଲା। ଜିଲାର ପ୍ରାୟ ୮୦ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଏହି ଜିଲାରେ ସର୍ବାଧିକ ଧାନ ଉତ୍ପାଦନ ହୋଇଥାଏ। ଏହି ଦୃଷ୍ଟିରୁ ଜିଲାକୁ ରାଜ୍ୟର ଭାତହାଣ୍ଡି ବୋଲି କୁହାଯାଏ। କିନ୍ତୁ ଏଠାରେ କୃଷି ଏବଂ କୃଷକଙ୍କ ସମସ୍ୟା ଅସମାହିତ ରହିଛି। କେତେବେଳେ ଅନାବୃଷ୍ଟି ଯୋଗୁ ଜିଲାରେ ମରୁଡ଼ି ତ ଆଉକେବେ ରୋଗପୋକ ଉପଦ୍ରବରୁ ଫସଲ ଉଜୁଡ଼ି ଯାଉଛି। ଏବେ ଜିଲାରେ ଗୋଟିଏ ପଟେ କେନାଲ ପାଣି ବନ୍ଦ ଏବଂ ଅନ୍ୟପଟେ ନିଅଣ୍ଟିଆ ବୃଷ୍ଟିପାତ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଏଭଳି ସ୍ଥିତିରେ ଜିଲାରେ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। କେବେ ସ୍ୱାଭାବିକ ବୃଷ୍ଟିପାତ ହେବ ଏବଂ କେନାଲ ପାଣି ଆସିବ ଏବଂ ଏହାପରେ ଚାଷକାର୍ଯ୍ୟ ଆରମ୍ଭ କରିବ, ସେହି ଚିନ୍ତା ଜିଲାର ଚାଷୀମାନଙ୍କୁ ଘାରିଛି।

ବରଗଡ଼ ଜିଲାରେ ସମୁଦାୟ ୩ ଲକ୍ଷ ୪୭ ହଜାର ୮୪୮ ହେକ୍ଟର ଚାଷୋପଯୋଗୀ ଜମି ରହିଛି। ଖରିଫରେ ପ୍ରାୟ ୨ ଲକ୍ଷ ୧୫ହଜାର ହେକ୍ଟର ଜମି ଏବଂ ରବିରେ ପ୍ରାୟ ୮୦ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଜିଲାରେ ସାଧାରଣତଃ ଜୁନ୍ ୧୫ ତାରିଖରୁ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ। ତେବେ ଇତିମଧ୍ୟରେ ଖରିଫ ଚାଷ ଅବଧିକୁ ଏକ ସପ୍ତାହ ଅତିକ୍ରାନ୍ତ ହୋଇଯାଇ ଥିଲେ ସୁଦ୍ଧା ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରି ପାରିନାହାନ୍ତି। ଜମିକୁ ପାଣି ଅଭାବରୁ ସେଭଳି ସ୍ଥିତି ଉପୁଜିଛି। ପ୍ରତିବର୍ଷ ଜୁନ ୧୫ରୁ ୨୦ତାରିଖ ମଧ୍ୟରେ ଜିଲାର ହୀରାକୁଦ ଜଳସେଚିତ ଅଞ୍ଚଳକୁ କେନାଲ ପାଣି ମାଡ଼ିଥାଏ। ହେଲେ ଏଥର ବରଗଡ଼ ମୁଖ୍ୟ କେନାଲ ମରାମତି ପାଇଁ ହୀରାକୁଦ ଜଳଭଣ୍ଡାରରୁ କେନାଲ ପାଣି ଛାଡ଼ିବାକୁ ଦୀର୍ଘ ୧୫ଦିନ ବିଳମ୍ବ କରାଯାଇଛି। ଆସନ୍ତା ଜୁଲାଇ ୧ରୁ ହୀରାକୁଦ ଜଳଭଣ୍ଡାରରୁ ବରଗଡ଼ ମୁଖ୍ୟ କେନାଲକୁ ପାଣି ଛଡ଼ାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ତେବେ ଜୁଲାଇ ୧ରେ ପାଣି ଛଡ଼ାଗଲେ ହେଁ ତାହା ତଳମୁଣ୍ଡକୁ ପହଞ୍ଚିବା ପାଇଁ ୨ରୁ ୪ଦିନ ଲାଗିବ ବୋଲି ଚାଷୀମାନେ କହୁଛନ୍ତି।

ଅନ୍ୟପଟେ ଏଥର ଏପର୍ଯ୍ୟନ୍ତ ଆଶାନୁରୂପ ବୃଷ୍ଟିପାତ ମଧ୍ୟ ହୋଇ ନାହିଁ। ଜୁନରେ ଜିଲାରେ ସ୍ୱାଭାବିକ ବୃଷ୍ଟିପାତ ୨୦୩.୫ ମି.ମି ରହିବା କଥା। କିନ୍ତୁ ଆଉ ଗୋଟିଏ ସପ୍ତାହ ପରେ ଜୁନ ମାସ ସରିଯିବ, ହେଲେ ଜିଲାରେ ଏହି ମାସରେ ହୋଇଥିବା ବର୍ଷା ସ୍ୱାଭାବିକ ବୃଷ୍ଟିପାତଠାରୁ ବହୁ ଦୂରରେ ରହିଛି। ରବିବାର ସୁଦ୍ଧା ଜିଲାର ହାରାହାରି ବୃଷ୍ଟିପାତ ମାତ୍ର ୭୨.୫୪ ମି.ମି. ରେକର୍ଡ଼ ହୋଇଥିବା ସୂଚନା ମିଳିଛି। ଗୋଟିଏ ପଟେ କେନାଲ ପାଣି ବନ୍ଦ ଏବଂ ଅନ୍ୟପଟେ ବର୍ଷା ନିଅଣ୍ଟ ଖରିଫ ଚାଷ କାର୍ଯ୍ୟରେ ପ୍ରତିବନ୍ଧକ ସାଜିଛି। ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଏଥିରେ ପ୍ରଭାବିତ ହୋଇଛନ୍ତି। ଅଳ୍ପକିଛି ଚାଷୀ ଉଠାଜଳସେଚନ ପ୍ରକଳ୍ପର ପାଣି ଦ୍ୱାରା ତଳିପକା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। କିନ୍ତୁ ସେମାନେ ମଧ୍ୟ ଗଜା ମରୁଡ଼ି ଆଶଙ୍କାରେ ରହିଛନ୍ତି।

ଜିଲାର ୧୨ ବ୍ଲକ ମଧ୍ୟରୁ ଅତାବିରା, ଭେଡ଼େନ, ବରଗଡ଼, ବରପାଲି ବ୍ଲକ ହୀରାକୁଦ ଜଳସେଚିତ ହୋଇଥିବାବେଳେ ଅନ୍ୟ ବ୍ଲକ ଗୁଡ଼ିକ ଅଣଜଳସେଚିତ। ତେବେ ହୀରାକୁଦ ଜଳସେଚିତ ଉପରୋକ୍ତ ୪ବ୍ଲକ ମଧ୍ୟରୁ କିଛିକାଂଶରେ ଜମିକୁ କେନାଲ ପାଣି ମାଡ଼ି ନ ଥାଏ। ସେହିପରି ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଦ୍ୱାରା ବିଜେପୁର ନିର୍ବାଚନମଣ୍ଡଳୀ ତଥା ଉକ୍ତ ନିର୍ବାଚନମଣ୍ଡଳୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର କିଛି ଅଞ୍ଚଳକୁ ପାଣି ଯୋଗାଣ ବ୍ୟବସ୍ଥା ହୋଇଥିଲେ ହେଁ ତାହା ମଧ୍ୟ ଧର୍ମକୁ ଆଖିଠାର ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ଜିଲାର ଅଣଜଳସେଚିତ ଅଞ୍ଚଳର ଅନେକ ଚାଷୀ ଜମିହିଡ଼ରେ ବର୍ଷାଧିକକାଳ ପୂର୍ବରୁ ଗଭୀର ନଳକୂପ ଖୋଲିଥିଲେ ହେଁ ଏପର୍ଯ୍ୟନ୍ତ ସେଠାକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଫଳରେ ଜମିକୁ ଜଳସେଚନ ଆଶା ଧୂଳିସାତ୍ ହୋଇଥିବାବେଳେ ଏଥର ଖରିଫ ଚାଷକାର୍ଯ୍ୟ ଯଥେଷ୍ଟ ବିଳମ୍ବିତ ହେବା ସ୍ପଷ୍ଟ ହୋଇଯାଇଛି।

ବରଗଡ଼ ବ୍ଲକ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି,

## ଚାଷୀଙ୍କୁ ଘାରିଲା ଖରିଫ୍ ଚାଷ କାର୍ଯ୍ୟ ଚିନ୍ତା

ସେ କେନାଲ ପାଣି ଦ୍ୱାରା ଚାଷକାର୍ଯ୍ୟ କରିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ କେନାଲ ପାଣି ଆସି ନ ଥିବା ଯୋଗୁ ଚାଷକାର୍ଯ୍ୟ ଆରମ୍ଭ କରି ପାରି ନାହାନ୍ତି। ଗଭୀର ନଳକୂପର ପାଣି ଦ୍ୱାରା ଧାନ ବୁଣିଛନ୍ତି। କିନ୍ତୁ କେନାଲ ପାଣି ଆସିବା ବିଳମ୍ବ ହେଲେ ଏବଂ ବର୍ଷା ନ ହେଲେ ଖରିଫ ଚାଷ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି ନେକାଣ୍ଡି କହିଛନ୍ତି। ସେହିପରି ପଦ୍ମପୁର ଉପଖଣ୍ଡ ଝାରବନ୍ଧର ଚାଷୀ ସଦାଶିବ ସାହୁ କହିଛନ୍ତି, ଅନ୍ୟ ବର୍ଷ ଏହି ସମୟକୁ ପର୍ଯ୍ୟାପ୍ତ ବର୍ଷା ହୋଇଥାଏ। ବର୍ଷାପରେ କ୍ଷେତରେ ସେ ଧାନ ବୁଣାବୁଣି କରି ଦେଇଥାନ୍ତି। କିନ୍ତୁ ଏଥର ଏପର୍ଯ୍ୟନ୍ତ ଭଲବର୍ଷା ନାହିଁ। ଯେଉଁ ବର୍ଷା ହେଉଛି, ସେଥିରେ ଜମି ହଳ କରିବା ମଧ୍ୟ ସମ୍ଭବ ହେଉନାହିଁ। ଫଳରେ ସେ ଧାନ ବୁଣାବୁଣି କାର୍ଯ୍ୟ ମଧ୍ୟ ଆରମ୍ଭ କରି ପାରି ନ ଥିବା ସଦାଶିବ କହିଛନ୍ତି। ବରଗଡ଼ ବ୍ଲକ ଗାଇସୀମା ଗ୍ରାମର ଚାଷୀ ନିରଞ୍ଜନ ପ୍ରଧାନ କହିଛନ୍ତି, ଅନ୍ୟବର୍ଷ ଏହି ସମୟରେ ତଳିପକା କାର୍ଯ୍ୟ କରି ସାରିଥାନ୍ତି। ଜୁଲାଇ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜମିରେ ପହ୍ଲାରୁଆ ମଧ୍ୟ ଚାଲିଥାଏ। କିନ୍ତୁ ଏଥର କେନାଲ ପାଣି ଆସି ନ ଥିବାବେଳେ ଭଲବର୍ଷା ମଧ୍ୟ ହୋଇ ନ ଥିବରୁ ତଳିପକା କାର୍ଯ୍ୟ ମଧ୍ୟ ଆରମ୍ଭ କରିପାରି ନ ଥିବା ନିରଞ୍ଜନ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବିଷ୍ଣୁଚରଣ



@ ଶିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବୁଡାମାଲରେ ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ

ପଦ୍ମପୁର,୨୩।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ବୁଡାମାଲ ଗାଁରେ ଆଞ୍ଚଳିକ ଯୁବଗୋଷ୍ଠୀ ବୁଡାମାଲ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପଦ୍ମପୁର ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ଦୀପକ ସାହୁ, ଜିତେନ୍ଦ୍ରିୟ ଗୁର୍ଲା, ଶ୍ୟାମସୁନ୍ଦର ସାହୁ, ପପୁ ମାଝି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ନିରୋଜ ଦୋରା, ଆଇନଜୀବୀ ଅଜିତ ଶତପଥୀ, ପ୍ରୀତମ ମେହେର, ପରମାନନ୍ଦ ସାହା, ବୈଜୁ ଅଗ୍ରୱାଲ, କିରଟି ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦୁର୍ବୃତ୍ତ ଦ୍ୱାରା ଯୁବକଙ୍କୁ ହତ୍ୟା: ପୋଲିସର ତନାଘନା

ପଦ୍ମପୁର,୨୩।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଦହିଗାଁ ପଞ୍ଚାୟତ ଅନ୍ତର୍ଗତ ଦର୍ଲିଗୁଡ଼ା ଗ୍ରାମରେ ହତ୍ୟାକାଣ୍ଡ ହୋଇ ମୃତଦେହ ପଡିଥିବା ଖବର ମିଳିଛି। ଦୁର୍ବୃତ୍ତମାନେ ବରିହାପାଲି ଗ୍ରାମର ରାଧେଶ୍ୟାମ ପଧାନ (୨୪) ପିତା ସତ୍ୟବାନ ପଧାନଙ୍କୁ ମାରି ଦର୍ଲିଗୁଡ଼ା ଓ ବୁବୁଗାଁର ମଝି ରାସ୍ତାରେ ମାରି ଫିଙ୍ଗି ଦେଇ ଫେରାର ମାରିଛନ୍ତି। ଏ ସମ୍ପର୍କରେ ଖବର ପାଇ ପଦ୍ମପୁର ଏସଡିପିଓ ବିଭୁତି ଭୋଇ ସମେତ ବୁଢ଼େନ, ପଦ୍ମପୁର ପୋଲିସ, ସାଇଣ୍ଟିଫିକ ଓ ଡକ୍ସ ଟିମ ଆସି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

## ଭବାନୀପାଟଣା ସହରର ସ୍ୱତନ୍ତ୍ର ପରିଚୟ ମହାରାଜା ଷ୍ଟାଚ୍ୟୁ

ଭବାନୀପାଟଣା,୨୩।୬
(ଉତ୍ତମ କୁମାର ଦାଶ)



ଷ୍ଟାଚ୍ୟୁ ଛକରେ ଥିବା ମହାରାଜା ବ୍ରଜମୋହନଙ୍କ ପ୍ରତିମୂର୍ତ୍ତି।

କଳାହାଣ୍ଡି ଜିଲା ବିଭିନ୍ନ ସମୟରେ ରାଜ୍ୟ ତଥା ସମଗ୍ର ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଆସିଛି। କଳାହାଣ୍ଡି ଗଡଜାତ ରାଜ୍ୟର ତତ୍କାଳୀନ ମହାରାଜା ବ୍ରଜ ମୋହନ ଦେଓଙ୍କ ସମୟରେ ସ୍ଥାନୀୟ ରାଜ୍ୟରେ ବିକାଶ ଧାରା ସମସ୍ତଙ୍କୁ ଚକିତ କରୁଥିଲା। କ୍ରୀଡା, ସାଂସ୍କୃତିକ, ଶିକ୍ଷା ଓ ସାମାଜିକ ବିକାଶରେ ନିଜର ଏକ ନିଆରା ଛାପ ଛାଡିଥିଲେ। କଳାହାଣ୍ଡି ଗଡଜାତର ମୁଖ୍ୟାଳୟ ଭବାନୀପାଟଣାରେ ପାଇପ୍ ଜଳ ଯୋଗାଣ, ପାୱାର ହାଉସ୍ ଭଳି ନୂତନ ପଦକ୍ଷେପ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ପାଲଟିଥିଲା। ମହାରାଜା ସ୍ୱର୍ଗତ ବ୍ରଜ ମୋହନ ଦେଓ ୧୯୧୭ ମସିହାଠାରୁ ୧୯୩୯ ମସିହା ପର୍ଯ୍ୟନ୍ତ କଳାହାଣ୍ଡି ଗଡଜାତ ରାଜ୍ୟର ୩୦ତମ ମହାରାଜା ଥିଲେ। ତାଙ୍କ ତିରୋଧାନ ପରେ କଳାହାଣ୍ଡି ରାଜ ପ୍ରସାଦର ମୁଖ୍ୟ ଫାଟକ ସମ୍ମୁଖରେ ୧୯୪୦ ମସିହାରେ ତାଙ୍କର ସ୍ମୃତିରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହାପରେ ଏହି ଛକ ଷ୍ଟାଚ୍ୟୁ ଛକ ନାମରେ ଭବାନୀପାଟଣା ସହରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ପ୍ରତିମୂର୍ତ୍ତିଟି ମାର୍ବଲର ହୋଇଥିବାବେଳେ ଏହାକୁ କୋଲକାତାର ସ୍ଥପତି ଜି.ପାଲ ଆଣ୍ଡ୍ ସନ୍ସ ନିର୍ମାଣ କରିଥିଲେ। ଏହି ଷ୍ଟାଚ୍ୟୁ ତଳ ଚାରିପାର୍ଶ୍ୱରେ ମହାରାଜା ସ୍ୱର୍ଗତ ବ୍ରଜମୋହନ ଦେଓଙ୍କ ବିଷୟରେ ଅନେକ ତଥ୍ୟ ଉଲ୍ଲେଖ ରହିଛି। ଏହି ଷ୍ଟାଚ୍ୟୁରେ ଛାଉଣୀ ଥିଲେ ମଧ୍ୟ କୁଆଡେ ଆଜି ପର୍ଯ୍ୟନ୍ତ କୌଣସି ପକ୍ଷୀ ବସା ବାନ୍ଧିବା କିମ୍ବା ମଳତ୍ୟାଗ କରିବା କେହି କେବେ ଦେଖି ନ ଥିବା କିମ୍ବଦନ୍ତୀ ରହିଛି। ଏହି ଷ୍ଟାଚ୍ୟୁ ବହୁ ଇତିହାସର ମୁକସାକ୍ଷୀ ପାଲଟିଥିବାବେଳେ ଏହାର ସୌନ୍ଦର୍ଯ୍ୟକରଣ ତ ଦୂରର କଥା ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସବୁ ସ୍ତରରେ ଉଦ୍ୟମ ହେଉ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ନୂଆପଡ଼ା,୨୩।୬ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ଗାଁରେ ରବିବାର ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ବ୍ୟକ୍ତି ଜଣକ ହେଲେ ସୋସେଙ୍ଗ ଗାଁର ତୁଲସିଂ ମାଝି (୫୦)। ପ୍ରାପ୍ତ ସୂଚନା ମୁତାବକ ରବିବାର ସକାଳ ପ୍ରାୟ ୯ଟାରେ ତୁଲସିଂ ଛେଳି ଚରାଇବାକୁ ନିଜ କ୍ଷେତକୁ ନେଇଥିଲେ। ସେହି ସମୟରେ ଅଭୟାରଣ୍ୟ ଭିତରୁ ହଠାତ ଏକ ଜଙ୍ଗଲି ଭାଲୁ ଆସି ତୁଲସିଂଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଭାଲୁ ଓ ମଣିଷ ଭିତରେ କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ପରେ ଭାଲୁ ତୁଲସିଂର ଦୁଇ ଗୋଡକୁ ଧରି ପକାଇ କ୍ଷତାକ୍ତ କରି ମାଂସ ସବୁ ନେଇ ଯାଇଛି। ଆଣ୍ଠୁରୁ ତଳକୁ ବହୁତ କ୍ଷତାକ୍ତ କରି ଦେଇଛି। ତୁଲସିଂ ଚିତ୍କାର କରିବାରୁ ପାଖ ଜମିରେ ନଙ୍ଗଳ କରି ଜମି ଚଷୁ ଥିବା ଲୋକେ ଧାଇଁଆସି ଭାଲୁକୁ ଘଉଡାଇଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନାବେଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା ପରେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତିକରି ଚିକିତ୍ସା କରିଥିଲେ। ବର୍ତ୍ତମାନ ସ୍ୱାସ୍ଥ୍ୟ ସ୍ଥିର ଥିବା ଜଣାପଡିଛି।

## ୪ମାସ ପରେ ଆଖିବୁଜିଲେ ଅନ୍ୟଜଣେ ମହିଳା

ବେଲପଡା,୨୩।୬(ମନୋଜ କୁମାର ମିଶ୍ର)

### ଗ୍ୟାସ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟଣା



ବଲାଙ୍ଗୀର ଜିଲା ବେଲପଡା ଥାନା କାନୁଟ ଗ୍ରାମରେ ଗତ ଫେବୃଆରୀ ୧୦ ତାରିଖରେ ଗ୍ୟାସ ସିଲିଣ୍ଡର ଫାଟି ୬ଜଣ ଗୁରୁତର ହୋଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ୪ଜଣଙ୍କର ମୃତ୍ୟୁ ଘଟିଥିଲା। ଘଟଣା ଦିନଠୁ ଘରେ ରହି ଚିକିତ୍ସିତ ହେଉଥିବା ଦେବରାଜ ଅଦାବରିଆଙ୍କ ସ୍ତ୍ରୀ ଦୃତି ଅଦାବରିଆ(୫୫)ଙ୍କ ରବିବାର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ତାଙ୍କ ମୃତଦେହ ପୋଲିସ ହସ୍ତାନ୍ତର କରିଛି। ଅପରାହ୍ନରେ ଗାଁ ମଶାଣିରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ବଡ଼ପୁଅ ନିରଞ୍ଜନ ଅଦାବରିଆ ମୁଖାଗ୍ନି ଦେଇଥିଲେ। ଏହି ଘଟଣାରେ ଅନ୍ୟ ଜଣେ ମହିଳା ଭାଗ୍ୟବତୀ ଅଦାବରିଆ ଏବେ ଘରେ ରହି ଚିକିତ୍ସାଧୀନ ଅଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ୧୦ ତାରିଖ ଶନିବାର ମୁନା ଅଦାବରିଆଙ୍କ ଘରେ ସନାତନ ଧର୍ମର ଗୁରୁପୂଜା ଚାଲିଥିଲା। ପୂଜାକାର୍ଯ୍ୟ ମଧ୍ୟାହ୍ନ ୧୨ଟାରେ ସରିଥିଲା। ପ୍ରସାଦସେବନ ପରେ ପରିବାର ବର୍ଗ ସେଠାରେ ଉପସ୍ଥିତ ଥିଲେ। ସେତେବେଳେ କୌଣସି କାରଣବଶତଃ ଗ୍ୟାସ ସିଲିଣ୍ଡର ଫାଟିଯାଇଥିଲା। ଅଗ୍ନିକାଣ୍ଡରେ ମୁନା ଅଦାବରିଆଙ୍କ ପରିବାର ୪ଜଣ ଓ ପଡୋଶୀ ଦୁଇଜଣ ମହିଳା ଗୁରୁତର ହୋଇଥିଲେ। ସମସ୍ତଙ୍କୁ କଣ୍ଟାବାଞ୍ଜି ଓ ବଲାଙ୍ଗୀରରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାଳତୀ ମହାଖୁଡ଼ଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ ମାଳତୀଙ୍କ ମୃତ୍ୟୁ ଖବରରେ ମ୍ରିୟମାଣ ହୋଇ ତାଙ୍କ ପୁଅ ଦ୍ରୋଣ ମହାଖୁଡ଼ି ବେକରେ ରଶି ଲଗାଇ ନିଜ ଘରେ ଆତ୍ମହତ୍ୟା କରିଥିଲେ। ଏଭଳି ହୃଦୟ ବିଦାରକ ଘଟଣା ଅଞ୍ଚଳକୁ ସ୍ତବ୍ଧ କରି ଦେଇଛି।

## ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ

# ରାଜ୍ୟସ୍ତରକୁ ୨୫ ଖେଳାଳି ମନୋନୀତ

ବଲାଙ୍ଗୀର, ୨୩।୬ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ କ୍ରୀଡା ପ୍ରାଙ୍ଗଣସ୍ଥିତ ସନ୍ତରଣାଗାରରେ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୨୫ଜଣ ଖେଳାଳି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ଜିଲା ସନ୍ତରଣ ସଂଘ ପକ୍ଷରୁ ଏଠାରେ ଜିଲାସ୍ତରୀୟ ସନ୍ତରଣ ସଂଘ ପ୍ରତିଯୋଗିତା ଆୟୋଜନ କରିଥିଲା। ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠର ୪ଟି ବର୍ଗରେ ୧୫୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ଭାଗ ନେଇଥିଲେ।

ଶନିବାର ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଓ ଜିଲା କ୍ରୀଡ଼ା ଅଧିକାରୀ ପରାଶର ବାଗ ଅତିଥିଭାବେ ଯୋଗଦେଇଥିଲେ। ରବିବାର ଉଦ୍‌ଯାପନୀ ଦିନର ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତା ଜୁଲାଇ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଏଠାରୁ ମନୋନୀତ ୨୫ ଜଣ ଖେଳାଳି ଭାଗ ନେବେ। ସେହି ଖେଳାଳିମାନଙ୍କୁ ଆଗାମୀ ୧୩ ଦିନ ପର୍ଯ୍ୟନ୍ତ ବଲାଙ୍ଗୀର ସନ୍ତରଣାଗାରରେ ତାଲିମ ଦିଆଯିବ ବୋଲି ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ସନ୍ତରଣ କୋଚ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ତରୁଣ ସେଠ, ବାଳକୁମାର ମିଲୁଆର, ସିମରନ ବେହେରା, ଶୈଳେନ୍ଦ୍ରୀ ବଗର୍ତ୍ତୀ, କ୍ରୀଡା ଶିକ୍ଷକ ବୁଦ୍ଧିରାଜ ବିଶ୍ୱାଳ, ସୁଦର୍ଶନ ସେଠ, ସତ୍ୟନାରାୟଣ ପଟେଲ, ରାଜକୁମାର ପାଣିଗ୍ରାହୀ, ସ୍ୱପ୍ନା ସେଠ କ୍ଷୀତେଶ୍ୱର ବିଶ୍ୱାସ, ପୁରେନ୍ଦ୍ରର ସେଠ, ବନିତା ପଟେଲ, ସସ୍ମିତା ଗଡ଼ତିଆ, ବୀରେନ୍ଦ ସୁନା, ବିଭୂତି ସ୍ୱାଇଁ, ରାମରାଣୀ ନାଏକ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ।

# ଯନ୍ତ୍ରୀଙ୍କୁ ମାଡ଼ମାରିଲେ ଉତ୍ତେଜିତ ଗ୍ରାମବାସୀ

ଲୋଇସିଂହା, ୨୩।୬(ସୁଶାନ୍ତ ବାରିକ)



ବିଭାଗୀୟ ଏସ୍‌ଡିଓ, ପୋଲିସ ଏସ୍‌ଡିପିଓ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ ଗ୍ରାମକୁ ପାଇପ ଜଳ ଯୋଗାଣ ଅନିୟମିତତା ପ୍ରତିବାଦରେ ଅଞ୍ଚଳବାସୀ ବଲାଙ୍ଗୀର-ବରଗଡ ୨୬ନଂ. ଜାତୀୟରାଜପଥ ରବିବାର ଅବରୋଧ କରିଥିଲେ। ଖବରପାଇ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ ଓ ଅଶୋକ ଭୂୟାଁ ବିକ୍ଷୋଭ ସ୍ଥଳକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତ ସଦର ଗାଁକୁ ଟ୍ୟାଙ୍କରରେ ଜଳ ଯୋଗାଣ ହେଉଛି। ଅଥଚ ଫାସଡକୁ କାହିଁକି କରାଯାଉନି ବୋଲି ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ ଗ୍ରାମବାସୀ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉତ୍ତେଜିତ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ମାଡ଼ ମାରିଥିଲେ। ଗ୍ରାମବାସୀଙ୍କ ମାଡରେ ଯନ୍ତ୍ରୀ ରାଉତ ଆହତ ହୋଇ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଅଭାବନୀୟ ଘଟଣାପରେ ବିଭାଗୀୟ ଏସଡିଓ ଆଶୁତୋଷ ଭଦ୍ରା, ପୋଲିସ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଆଇଆଇସି ଯାଜ୍ଞସିନୀ ନାୟକ ଓ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅବହେଳା ପାଇଁ ଦାୟୀ ସ୍ଥାନୀୟ ସରପଞ୍ଚଙ୍କୁ ଧାରଣା ସ୍ଥଳକୁ ଡାକିବାକୁ ଗ୍ରାମବାସୀ ଜିଦ୍ ଧରିଥିଲେ। ଦୀର୍ଘ ୬ ଘଣ୍ଟା ପରେ ଅପରାହ୍ନ ୩ଟାରେ ସରପଞ୍ଚ ଉଗ୍ରସେନ ବରାଡ ସେଠାକୁ ଆସିଥିଲେ। ବାରମ୍ବାର ପ୍ରକଳ୍ପ ମୋଟର ଅଚଳରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗକୁ ଦାୟୀ କରିଥିଲେ। ସୋମବାରରୁ ଟ୍ୟାଙ୍କରରେ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ରାସ୍ତା ଅବରୋଧ ହଟିଥିଲା। ରାଜପଥରେ ଯାତାୟତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ସକମା ପଞ୍ଚାୟତ ଅନ୍ତର୍ଗତ ୪ ୱାର୍ଡ ବିଶିଷ୍ଟ ଫାସଡ ଗ୍ରାମର ଜନସଂଖ୍ୟା ୨୫ ଶହରୁ ଅଧିକ। ନିକଟସ୍ଥ ସୁକତେଲ ନଦୀରୁ ପାଇପ ଯୋଗେ ଗ୍ରାମକୁ ଜଳଯୋଗଣ ବ୍ୟବସ୍ଥା ହୋଇଛି। ହେଲେ

### ପାନୀୟ ଜଳ ଯୋଗାଣ ଅନିୟମିତତା ପ୍ରତିବାଦରେ ରାଜପଥ ଅବରୋଧ

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ଗୋଟିଏ ବର୍ଷ ହେଲା ବିଭିନ୍ନ ସମୟରେ ପ୍ରକଳ୍ପ ମୋଟର ଅଚଳ ରହୁଥିବାରୁ ଜଳଯୋଗଣ ଅନିୟମିତତା ଲାଗି ରହିଛି। ଜୁନ ମାସ ସରିବାକୁ ଥିଲେ ସୁଦ୍ଧା ବର୍ଷା ନାହିଁ । ପ୍ରଚଣ୍ଡ ଖରା ହେଉଛି । ଏବେ ପୁଣି ଗୋଟିଏ ସପ୍ତାହ ହେଲା ମୋଟର ଅଚଳ ହୋଇଛି କହି ପାଇପ ଜଳ ଯୋଗାଣ କରାଯାଉନାହିଁ। ବିକଳ୍ପ ଭାବେ ପଞ୍ଚାୟତ ପକ୍ଷରୁ ଜଳ ଯୋଗାଣ ହେବା କଥା। କିନ୍ତୁ ତାହା କରାଗଲାନାହିଁ। ଅନ୍ୟପକ୍ଷରେ ପଞ୍ଚାୟତର ସଦର ଗାଁକୁ ଟ୍ୟାଙ୍କରରେ ଜଳ ଯୋଗାଣ କରାଯାଉଥିବା ଫାସଡ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏହାକୁ ନେଇ ଫାସଡ ଗ୍ରାମାବସୀ ପ୍ରତିକ୍ରିୟା ପ୍ରକାଶ କରି ପୂର୍ବାହ୍ନ ସାଢେ ୧୦ ଟାରୁ ରାଜପଥ ଅବରୋଧ କରିଥିଲେ । ଫଳରେ ରାଜପଥର ଉଭୟ ପଟରେ ଶହଶହ ଯାନବାହାନ ଅଟକି ରହିବାରୁ ପ୍ରବଳ ଖରାରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

